








## ଟି ଟାଇମ୍

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶ୍ରେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

## ପୁରାଣ କାହାଣୀ

# ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣମାକୁ ପଣ୍ଡୁ ପୂର୍ଣ୍ଣମା ମଧ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡ଼ି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣମାର ନାଁ ପଣ୍ଡୁ ପୂର୍ଣ୍ଣମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

# ପଠାଣି ସାମନ୍ତ

ଆଜିର ଦିନରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ,



ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମାଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଊଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ ।



ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ



ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

**ପର୍ଯ୍ୟବେକ୍ଷକ ସମ୍ପାଦକୀୟ**

**ଭୁବନେଶ୍ୱର, ୨୦୨୫, ଜୁନ ୧୧**

# ଦେବସ୍ନାନ ପୂର୍ଣ୍ଣିମାର ତାତ୍ପର୍ଯ୍ୟ



ପ୍ରଦୀପ୍ତ କୁମାର କର

ଦେବସ୍ନାନ ପୂର୍ଣ୍ଣମୀ ସ୍ନାନ ଉତ୍ସବ ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ପୂର୍ଣ୍ଣମୀ ତିଥିରେ ଶ୍ରୀ କ୍ଷେତ୍ର ରେ ପାଳନ କରାଯାଏ। ଏହି ଦିନ ଚ଼ତୁର୍ଦ୍ଧା ମୂର୍ତ୍ତୀ ମାନଙ୍କୁ ପାରମ୍ପରିକ ରୀତି ନୀତି ରେ ବେଦ ଧ୍ୱନି ପୂର୍ବକ ୧୦୮ ଗରା ଜଳରେ ସ୍ନାନ କରାଯାଏ ।ଏହାପରେ ପ୍ରଭୁ ମାନଙ୍କୁ ଗଜାନନ ବେଶ ରେ ସଜ୍ଜିତ କରାଯାଇଥାଏ। ବର୍ଷକ ରେ ଥରେ ପ୍ରଭୁ ମାନେ ସ୍ନାନ ମଣ୍ଡପ ରେ ସ୍ନାନ କରନ୍ତି ଓ ଅନ୍ୟ ଦିନରେ କେବଳ ମନ୍ତ୍ର ସ୍ନାନ କରାଯାଏ।

ଦାରୁ ବ୍ରହ୍ମ ଙ୍କ ଲୀଳା କ୍ଷେତ୍ର ପୁରୁଷୋତ୍ତମ କ୍ଷେତ୍ର ରେ ମହାପ୍ରଭୁ ଙ୍କ ସ୍ନାନ ଉତ୍ସବ ଏକ ଶାସ୍ତ୍ରୀୟ ଭିତ୍ତିଭୂମି ର ଲୀଳା ।ମହାପ୍ରଭୁ ଙ୍କ ଆବିର୍ଭାବ ବେଳେ ପ୍ରଥମେ ଏହି ସ୍ନାନ ହୋଇଥିବାରୁ ଏହାକୁ ମଧ୍ୟ ଶ୍ରୀ ଦାରୁ ବ୍ରହ୍ମ ଙ୍କ ଆଦ୍ୟ ଲୀଳା ବୋଲି ମଧ୍ୟ କୁହାଯାଏ ।ମହାପ୍ରଭୁ ଦାରୁ ବ୍ରହ୍ମ ରୂପ ଧାରଣ କରିବା ପରେ ପ୍ରଥମ ମଙ୍ଗଳମୟ ମୁହୂର୍ତ୍ତରେ ଏହି ସ୍ନାନ ଲୀଳା କରିଥିଲେ ।

ମହାରାଜା ଇନ୍ଦ୍ରଦ୍ୟୁମ୍ନ ସେତେବେଳେ ସ୍ନାନ ମଣ୍ଡପ ନ ଥିବାରୁ ମଞ୍ଚ ନିର୍ମାଣ କରାଯାଇ ତା ଉପରେ ସ୍ନାନ ବିଧି କରାଯାଉଥିଲା ।ଅନେକ ଶାସ୍ତ୍ର ରେ ଏହାକୁ ମଞ୍ଚ ସ୍ନାନ ବୋଲି ଅଭିହିତ କରିଅଛନ୍ତି। ଶାସ୍ତ୍ର ଅନୁଯାୟୀ ୧୦୮ ସୁନା କଳସ ବା ଗରା ରେ ଅଭିମନ୍ତ୍ରିତ ପବିତ୍ର ଜଳରେ ଦାରୁ ବ୍ରହ୍ମ ଙ୍କ ଆଦ୍ୟ ସ୍ଥାନ ଲୀଳା ସମାପନ ହୋଇଥିଲା,ସେହି ଶାସ୍ତ୍ରୀୟ ମତ ଅନୁସରଣ କରି ଆଜିବି ସ୍ନାନ ଉତ୍ସବ ଅତି ଆନନ୍ଦ ଓ ଭକ୍ତି ପୂତ୍ ପରିବେଶ ରେ ପାଳନ କରାଯାଉଛି । ଏହି ସ୍ନାନ ଉତ୍ସବ ରେ ପ୍ରଭୁ ଜାତି , ବର୍ଣ୍ଣ,ଧର୍ମ ନିର୍ବିଶେଷରେ ତାଙ୍କ ଭକ୍ତ ମାନଙ୍କୁ ଦର୍ଶନ ଦେଉଥିବାରୁ କେତେକ ଏହାକୁ ମଧ୍ୟ ପତିତପାବନ ଯାତ୍ରା କହନ୍ତି।।

ସ୍ନାନ ପୂର୍ଣ୍ଣିମା ର ପୂର୍ବଦିନ ପ୍ରଭୁଙ୍କ ସମସ୍ତ ନୀତି କାନ୍ତି ସମ୍ପନ୍ନ ହେବାପରେ ସ୍ୱଳ୍ପ ସମୟ ପାଇଁ ପହୁଡ଼ ନୀତି ହୋଇ ପରେ ପରେ ସ୍ନାନ ପୂର୍ଣ୍ଣିମା ର ବିଧି ଆରମ୍ଭ ହୁଏ ।ଏହିଦିନ କୋଠ ସୁଆଂଶିଆ ସେବକ ମାନେ ମନ୍ଦିର ରେ ପ୍ରବେଶ କରି ଚ଼ାର ମାଳ ବାନ୍ଧି ,ପ୍ରଭୁଙ୍କ ସେନାପଟା ଓ ବାହୁଟି ନଗୀ କରାନ୍ତି ଓ ରତ୍ନ ସିଂହାସନ ଉପରେ ମଙ୍ଗଳ ଆଳତି ହୁଏ ।

ତାପରେ ଦଇତାପତି ମାନେ ମହାପ୍ରଭୁ ମାନଙ୍କ ପହଣ୍ଡି କରିବା ବେଳେ ମଦନମୋହନ ଙ୍କୁ ମହାଜନ ସେବକ ମାନେ ସ୍ନାନ ମଣ୍ଡପ କୁ ବିଜେ କରାନ୍ତି । ପହଣ୍ଡି ସମୟରେ ଠାକୁର ମାନେ ସାତ ପାହାଚ଼ରେ ଚୂଳ ,ଓ ଟାହିଆ ଲାଗି ହୁଅନ୍ତି ଓ ଏହି ସାତ ପାହାଚ଼ରେ ହିଁ ଦ୍ୱିତୀୟ ଥର ମଙ୍ଗଳ ଆଳତି ହୁଏ ବନ୍ଦାପନା ପରେ ରଘୁଦାସ ମଠରୁ ଆସିଥିବା ଘସା ନାଗି ହୋଇ ପନ୍ତି ଖାଇ ଖାଇ ଠାକୁର ମାନେ ସ୍ନାନ ବେଦୀ କୁ ବିଜେ କରନ୍ତି ।ସୁଆର , ବଡୁ ଆମ୍ଭୁଣିଆ ପାଣି ଛିନନ୍ତି ଗରାବଡୁ ସ୍ୱର୍ଣ୍ଣ କଳସ ଧରି ସିତଳା ମାତା ଙ୍କ ମନ୍ଦିର ସାମନା ରେ ଥିବା ସୁବର୍ଣ୍ଣ କୂପ ରୁ ଜଳ ଆଣନ୍ତି ।ଏହି କୂପ ସାରା ବର୍ଷ ଅବ୍ୟବହୃତ ହୋଇ ରହିଥାଏ ଓ କିମ୍ୱଦନ୍ତୀ ରହିଛି ଯେ ମା ଶିତଳା ଙ୍କ ସିଂହ ଏହାକୁ ଜଗି ରହିଛି । ବର୍ଷ ସାରା ଏହି କୂପ ର ଜଳ ବ୍ୟବହାର ହେଉଥିବାରୁ ଏହାକୁ ମଧ୍ୟ ଅଣତୁଠ ଜଳ ବୋଲି କୁହାଯାଏ। ଏହି ଜଳକୁ ଆଣି ତାକୁ ଅଭିମନ୍ତ୍ରିତ କରି ସେଥିରେ ୧୩ ଗୋଟି ପଦାର୍ଥ ମିଶ୍ରଣ ହୁଏ । ସେଗୁଡିକ ହେଲା ଅଷ୍ଟବନ୍ଧ ,କୃଷ୍ଣ ଆଗୁର ,ଉଷିର , ଗୋରଚ଼ନା , ଦେବଦାରୁ , ମୁଥା,ହରିତାଳ ,ବାହାଡ଼ା ,ଆମଳକି , ସଂଜିଷ୍ଠା, ତାମ୍ବପର୍ଣ୍ଣ,ଶୋମପର୍ଣ୍ଣ ,ଓ ଲୋଧା ।ଏହା ପରେ ସେହି ସୁଗନ୍ଧ ଜଳରେ ପ୍ରଭୁ ମାନେ ସ୍ନାନ କରନ୍ତି। ଏହି ୧୦୮ ଗରା ରୁ ୩୩ ଗରା ପ୍ରଭୁ ବଳଭଦ୍ର ,୩୫ ଗରା ପ୍ରଭୁ ଜଗନ୍ନାଥ ,୨୨ ଗରା ମା ସୁଭଦ୍ରା ଓ ପ୍ରଭୁ ସୁଦର୍ଶନ ୧୮ ଗରା ଜଳରେ ସ୍ନାନ କରନ୍ତି। ଏହା ପରେ ରଘୁଦାସ ମଠରୁ ମା ସୁଭଦ୍ରା ଙ୍କ ପାଇଁ ଫୁଲଚୂଳ,ଚ଼ନ୍ଦ୍ରିକା ଓ ଛତ୍ରି ନାଗୀ କରାଯାଇ ଗୋପାଳ ତୀର୍ଥ ମଠ ଦ୍ୱାରା ଶ୍ରୀ ବଳଭଦ୍ର,ଶ୍ରୀ ଜଗନ୍ନାଥ ଙ୍କୁ ଗଜାନନ ବେଶ ଓ ସୁଦର୍ଶନ ଙ୍କୁ ଚ଼କ୍ର ନାଗି କରାଯାଏ ।

ତାପରେ ପ୍ରଭୁ ମାନେ ପୁଣି ଗୋଟି ପହଣ୍ଡି ରେ ଶ୍ରୀ ମନ୍ଦିର ଭିତରକୁ ଫେରନ୍ତି କିନ୍ତୁ ରତ୍ନ ସିଂହାସନ ଆରୋହଣ ନ କରି ଭିତର କାଠ ପାଖ ଅଣସର ପିଣ୍ଡିରେ ବିଜେ କରନ୍ତି ତାଙ୍କ ସମାନ ରେ ତାଟି ବାନ୍ଧି ଦିଆଯାଏ ଓ ସେଠାରେ ପଟି ଦିଅଁ ଙ୍କୁ ରଖି ପୂଜା କରାଯାଏ ।ଏଠାରେ ଠାକୁର ମାନେ ସ୍ନାନ ପୂର୍ଣ୍ଣମୀ ରୁ ନେତ୍ର ଉତ୍ସବ ପର୍ଯ୍ୟନ୍ତ ୧୫ ଦିନ ଜ୍ୱର ରେ ପଡନ୍ତି। ଏହି ସମୟେ ରେ ଠାକୁର ମାନଙ୍କୁ କେବଳ ଖେଚେଡ଼ି ଭୋଗ ଲାଗି ହୁଏ । ଏହି ମନ୍ଦିର ବନ୍ଦ୍ ରହୁ ଥିବାରୁ ଭକ୍ତ ମାନେ ପୁରୀ ନିକଟରେ ଥିବା ଅଲାରନାଥ ଙ୍କ ଦର୍ଶନ ପାଇଁ ଚ଼ାଲି ଯାଆନ୍ତି। ସ୍ନାନ ପୂର୍ଣ୍ଣିମା ରେ ଠାକୁର ମାନଙ୍କ ଗଜାନନ ବେଶ ଉପରେ ଏକ ଭକ୍ତି ଭାବ ନିଦର୍ଶନ ତଥା ପ୍ରଭୁ ଙ୍କ ଭକ୍ତ ବତ୍ସଳ ର ପ୍ରମାଣ ମିଳେ ।ଥରେ ମହାରାଷ୍ଟ୍ର ର ଏକ ପ୍ରଭୁ ଗଣେଶ ଙ୍କ ଅତ୍ୟନ୍ତ ଭକ୍ତ ଶ୍ରୀ ଗଣପତି ଭଟ୍ଟ ଶ୍ରୀ କ୍ଷେତ୍ର ର ମହିମା ଶୁଣି ପ୍ରଭୁ ଙ୍କ ଦର୍ଶନ ପାଇଁ ଆସି ରତ୍ନ ସିଂହାସନ ରେ ତାଙ୍କର ଇଷ୍ଟ ଦେବତା ଶ୍ରୀ ଗଜାନନ ଙ୍କୁ ନ ଦେଖି ପ୍ରଭୁଙ୍କୁ ପରଂବ୍ରହ୍ମ ବୋଲି ଅସ୍ୱୀକାର କରି ମନ୍ଦିର ବାହାରକୁ ଚ଼ାଲି ଆସିଲେ । ତା ପରଦିନ ପ୍ରଭୁ ଙ୍କ ସ୍ନାନ ଯାତ୍ରା ଥିଲା ଓ ପ୍ରଭୁ ବଡ ପଣ୍ଡା ଙ୍କ ନିର୍ଦ୍ଦେଶ ଦେଲେ ଯେ ସେ ଗଣପତି ଭଟ୍ଟ ଙ୍କୁ ଆମନ୍ତ୍ରଣ କରି ସ୍ନାନ ମଣ୍ଡପରେ ତାଙ୍କୁ ଦର୍ଶନ କରିବା ପାଇଁ ।କିନ୍ତୁ ଯେତେବେଳେ ଗଣପତି ଭଟ୍ଟ ସ୍ନାନ ମଣ୍ଡପ ରେ ପହଞ୍ଚିଲେ ସେ ଦେଖିଲେ ଯେ ତାଙ୍କ ସମ୍ମୁଖ ରେ ତାଙ୍କ ଆରାଧ୍ୟ ସ୍ୱୟଂ ପ୍ରଭୁ ଗଜାନନ ସ୍ନାନ ମଣ୍ଡପରେ ଏହା ଦେଖି ସେ ସ୍ତମ୍ଭିଭୂତ ହୋଇଗଲେ ଓ ତାଙ୍କର ଅନ୍ତର ଚେତନା ଜାଗ୍ରତ ହୋଇଗଲା ସେ ନିଜକୁ ଓ ପ୍ରଭୁ ଙ୍କୁ ଠିକ୍ ବୁଝିପାରିଲେ । ପ୍ରଭୁ ସର୍ବଦା ଭକ୍ତର ହୃଦୟ ରେ ଥାଆନ୍ତି ଓ ସେ ଭକ୍ତର ଅଧୀନ । ସେହି ଦିନ ଠାରୁ ବିଶ୍ୱନିୟନ୍ତାଙ୍କ ନିର୍ଦ୍ଦେଶ ରେ ପ୍ରତି ସ୍ନାନ ପୂର୍ଣ୍ଣିମା ରେ ପ୍ରଭୁ ମାନଙ୍କ ଗଜାନନ ବେଶ ହୁଏ ଏହା ଏବେ ବି ଚ଼ାଲିଛି ଓ ଯୁଗ ଯୁଗ ପାଇଁ ଚ଼ାଲିଥିବ । ପ୍ରଭୁ ସର୍ବଦା ଭକ୍ତର ସେ ଗୋଟିଏ ପାଦ ପ୍ରଭୁଙ୍କ ପାଖକୁ ଆଗେଇ ଆସିଲେ ପ୍ରଭୁ ଦସ ପାଦ ଆଗେଇ ଆସି ଭକ୍ତ ଙ୍କ କୋଳେଇ ନିଅନ୍ତି। ।

ପ୍ଲଟ ନଂ ୨୫
ସୂର୍ଯ୍ୟ ନଗର, ଭୁବନେଶ୍ୱର
ମୋ:୯୪୩୭୦୮୪୩୧୨

# ଅଥ ଯୋଗାନୁଶାସନମ୍



ବାଦଲ ଭୂୟାଁ

'ଓଁ ଭୁର୍ଭବଃ ସ୍ୱଃ ତତ୍ସର୍ବିତୁର୍ବରେଣ୍ୟଂ ଭର୍ଗୋଦେବସ୍ୟ ଧୀମହି ଧିୟୋ ଯୋନଃ ପ୍ରଚୋଦୟାତ୍।' ପ୍ରଥମେ ପ୍ରାଚୀନ ଯୋଗର ଉଦ୍ଭବ ହୋଇଥିଲା ବେଦରୁ। ବେଦାନ୍ତ ତତ୍ତ୍ୱର ତିନୋଟି ଗ୍ରନ୍ଥ, ଯଥା - ଉପନିଷଦ (ଶ୍ରୁତି), ବ୍ରହ୍ମସୂତ୍ର (ନ୍ୟାୟ) ଏବଂ ଶ୍ରୀମଦ ଭଗବତ ଗୀତା (ସ୍ମୃତି)ରେ ଏଇ ଯୋଗତତ୍ତ୍ୱ ନିହିତ। ଏହି ଯୋଗ ପୂର୍ଣ୍ଣ ସକ୍ରିୟତା ମଧ୍ୟରେ ମହାଭାରତର ଯୁଦ୍ଧଭୂମି କୁରୁକ୍ଷେତ୍ରରେ ଶ୍ରୀକୃଷ୍ଣଙ୍କ ମୁଖରୁ ଗୀତା ରୂପେ ମୁଖରିତ ହୋଇଥିଲା। ପତଞ୍ଜଳି ଯୋଗସୂତ୍ରରେ ଏହା ନିଜର ସୁବ୍ୟବସ୍ଥିତ ରୂପ ପାଇପାରିଛି। ଏବେ ସେଇ ବେଦ, ଉପନିଷଦ, ଗୀତା ପ୍ରତିପାଦିତ ଯୋଗ ଦର୍ଶନ (ବ୍ରହ୍ମବିଦ୍ୟା) ଆସି ମର୍ତ୍ତ୍ୟ ଯୋଗରେ ପହଞ୍ଚିଛି। ଭୌତିକବାଦର ଅବାଞ୍ଛନୀୟ ଅଭିବୃଦ୍ଧି ଯୋଗୁଁ ଉତ୍ପନ୍ନ ହୋଇଥିବା ସମସ୍ୟାର ବିଚିତ୍ର ପ୍ରତିକ୍ରିୟା ସ୍ୱରୂପ ଯୋଗବିଜ୍ଞାନ ପ୍ରତି ଦେଶ ବିଦେଶରେ ଆକର୍ଷଣ ଦେଖାଦେଇଛି। ଆଜିର ସମୟରେ ଆମ ଶରୀର ପାଇଁ ଯୋଗାଭ୍ୟାସ ବେଶ ଗୁରୁତ୍ୱପୂର୍ଣ୍ଣ। ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ନିରୋଗ ରହିବାରେ ସାହାଯ୍ୟ କରେ। ଭାରତ ହେଉଛି ଯୋଗର ଉତ୍ପତ୍ତିସ୍ଥଳ। ପୂର୍ବେ ଆଜୀବନ ସୁସ୍ଥ ରହିବା ପାଇଁ ଭାରତୀୟମାନେ ନିୟମିତ ଯୋଗାଭ୍ୟାସ ଓ ଧ୍ୟାନ ଆଦି କରୁଥିଲେ। କିନ୍ତୁ ପାଶ୍ଚାତ୍ୟ ପ୍ରଭାବିତ ଆଧୁନିକ ଜୀବନଶୈଳୀରେ ଏହା ସତ୍ତା ହରାଇଥିଲା। ହେଲେ ଆଜିକାଲିର ଚାପଗ୍ରସ୍ତ ଜୀବନରେ ପୁଣି ଏହାର ଆବଶ୍ୟକତା ପୁରା ବିଶ୍ୱ ଉପଲବ୍ଧି କଲାଣି। ଏବେ ଭାରତୀୟ ଯୋଗଶୈଳୀ ସହ ପାଶ୍ଚାତ୍ୟ ଚିନ୍ତାଧାରା ସମ୍ମିଶ୍ରିତ ଯୋଗଶୈଳୀ ଲୋକପ୍ରିୟ ହେଉଛି। ସେହିଭଳି କିଛି ଅଭିନବ, କୌତୁକିଆ ଓ ଅଜବ ଯୋଗଶୈଳୀ ସଂପର୍କରେ କିଛି କଥା ଲେଖୁଛୁ। ଆଜିର ଯୁବପିଢ଼ି ଯୋଗର ନୂଆ ଦିଗକୁ ପସନ୍ଦ କରୁଛନ୍ତି। ଡୋଗା ଓ ଗୋଟା ପରି ଅନେକ ନୂତନ ଶୈଳୀର ଯୋଗ ଏବେ ପ୍ରଚଳିତ ହେଉଛି। ଆମର ଦଉଡି ଯୋଗ, ଚକ ଯୋଗ, ବାଡ଼ି ଯୋଗ, ଚଉକି ଯୋଗ ବେଶ ଲୋକପ୍ରିୟ। ତେବେ ପାରମ୍ପରିକ ଆସନ ଅପେକ୍ଷା ବିଦେଶରୁ ଆସୁଥିବା ନୂଆ ନୂଆ ଆସନ ଆଜିର ଟ୍ରେଣ୍ଡ ପାଲଟିଗଲାଣି। ଯୋଗର ପରିବର୍ତ୍ତିତ ତଥା ଆଧୁନିକ ରୂପକୁ ଆଜିର ଯୁବପିଢ଼ି ବେଶ ପସନ୍ଦ କରୁଛନ୍ତି। ବାଡ଼ି ଯୋଗରେ ବାଡ଼କୁ ଦୁଇବାହୁରେ ଧରି ଆସନ କରାଯାଉଥିବାରୁ ବାହୁ ମାଂସପେଶୀ ଦୃଢ ହୋଇଥାଏ। ସେହିପରି ଚକ ବା ହ୍ୱିଲ ଯୋଗରେ ଚକ ଉପରେ ପିଠି ମାରି ଶୋଇ, ଗୋଡ଼କୁ ସିଧା ରଖାଯାଏ ଓ ହାତକୁ ତଳକୁ ଖୋଲି କରି ରଖାଯାଏ। ନିଃଶ୍ୱାସ ନେଇ ଆଗକୁ ପିଠିରେ ଠେଲିବା ଓ ନିଃଶ୍ୱାସ ଛାଡ଼ି ପୁଣି ପଛକୁ ଫେରିବାକୁ ହୁଏ। ଏଥିରେ ଅଣ୍ଟା ସମସ୍ୟା ଦୂର ହୋଇଥାଏ। ଏହିପରି ବହୁତ ଯୋଗ ଅଛି ଯାହା ଆଜିର ଜୀବନଶୈଳୀ ସମସ୍ୟାର ପ୍ରତିକାର କରୁଛି। ଏରିଏଲ ଯୋଗ ଟି ହେଉଛି ଏବେ ଚଟାଣ ପରିବର୍ତ୍ତେ ଘରର ସିଲିଂ ହୁକରୁ ବନ୍ଧା ଯାଇଥିବା ବେଲ୍ଟ କିମ୍ବା ଦୋଳିରେ ଝୁଲି ଅଭିନବ ଶୈଳୀର ଯୋଗଭ୍ୟାସ କରାଯାଉଛି। ପାରମ୍ପରିକ ଯୋଗମୁଦ୍ରା ସହ ଏଥିରେ ନୃତ୍ୟର ସମ୍ମିଶ୍ରଣ କରାଯାଇଛି। ଷ୍ଟାର ଇନଭର୍ସନ ପୋଜ, ଆଣ୍ଟି ଗ୍ରାଭିଟି ବାରିୟର ପୋଜ, କ୍ରସ ପୋଜିସନ ଓ ଓ୍ୱାନ୍ ଲେଗଡ଼ କିଙ୍ଗ ପିଜନ୍ ପୋଜ ଆଦି ଏହାର ସ୍ୱାତନ୍ତ୍ର୍ୟ। ଏହି ପ୍ରଣାଳୀରେ ପୁରା ଶରୀରର ଷ୍ଟ୍ରେଚିଂ ଓ ବେଣ୍ଡିଂ ହେଉଥିବାରୁ ମାଂସପେଶୀ ଓ ଆଣ୍ଠୁଗଣ୍ଠି ଶକ୍ତ ହୁଏ। ମେରୁଦଣ୍ଡ ଚାପମୁକ୍ତ ହେବା ସହ ରକ୍ତ ସଂଚାଳନ ବୃଦ୍ଧି ଯୋଗୁ ଶ୍ୱାସକ୍ରିୟା ଓ ହଜମ ଭଲ ହୋଇଥାଏ। ସେହିପରି ଡଗ୍ ଯୋଗ ବା ଡୋଗା ହେଉଛି ଡଗ୍ ଯୋଗ ବା ଡୋଗା କୁହାଯାଉଥିବା ଏହି ଯୋଗ କୁକୁର ସହ ମିଶି କରାଯାଏ। ଏହା ସାଧାରଣତଃ ଦୁଇ ପ୍ରକାରର। ଗୋଟିଏରେ କୁକୁରକୁ ସମ୍ପର୍କ ମଜଭୁତ ହୋଇଥାଏ। ଜନୈକା ଯୋଗ ଶିକ୍ଷୟିତ୍ରୀ ସୁଜି ଟିଟେଲମ୍ୟାନ ଏହାର ପରିକଳ୍ପନା କରିଥିଲେ। ଏହାର ମୁଦ୍ରାଗୁଡ଼ିକ ମଧ୍ୟରେ ଡାଉନଓ୍ୱାର୍ଡ଼ ଡଗ, କ୍ରିସେଣ୍ଟ ଲଙ୍ଗ, ହ୍ୱିଲବାରୋ ପୋଜ ଏବଂ ଫରଓ୍ୱାର୍ଡ଼ ଫୋଲ୍ଡ ଅନ୍ୟତମ। ଗ୍ଲୋ ଫ୍ଲୋ ଯୋଗ ହେଉଛି ଯେଉଁମାନଙ୍କୁ କ୍ଲବ ଯିବାକୁ ଭଲ ଲାଗେ ଏବଂ ତା ସହ ଯୋଗ କରି ଶରୀରକୁ ସୁସ୍ଥ ରହିବାର ଝୁଙ୍କ ଥାଏ ସେମାନେ ଏହି ଯୋଗ କରିପାରିବେ। ଗ୍ଲୋ ଓ ଫ୍ଲୋ ଏକ ମଜାଦାର ପ୍ରକ୍ରିୟା। ଗ୍ଲୋ ଯୋଗ ଏକ ଅନ୍ଧାର କୋଠରିରେ କରାଯାଏ। ଯୋଗ କରୁଥିବା ପୁରୁଷ ଓ ମହିଳା କୌତୁକିଆ ତଥା ଉଜ୍ଜ୍ୱଳ ପରିଚ୍ଛଦ ଓ ଅଳଙ୍କାରରେ ସଜ୍ଜିତ ହୁଅନ୍ତି। ଏହାପରେ ନିୟନ ଆଲୋକରେ ଡିଜେର ତାଳେ ତାଳେ ବିଭିନ୍ନ ମୁଦ୍ରା ଅଭ୍ୟାସ କରନ୍ତି। କ୍ଲବ ପରିବେଶରେ ଯୋଗ ଏହାର ସ୍ୱାତନ୍ତ୍ର୍ୟ। ସେହିପରି ଫ୍ଲୋ ବା ପ୍ରବାହ ଯୋଗରେ ମାନସିକ ଚାପ କମ ହୁଏ। ଏହାର କିଛି ମୁଦ୍ରା ମନ ପାଇଁ ଉତ୍କୃଷ୍ଟ ହୋଇଥିବାବେଳେ ଅନ୍ୟ କେତେକ ଶରୀରକୁ ସୁନ୍ଦର କରିବା ପାଇଁ ଉଦ୍ଦିଷ୍ଟ। ଭନିଆସା ଫ୍ଲୋ ଓଜନ କମାଇବା ପାଇଁ ଅତି ଉତ୍ତମ ବୋଲି କୁହାଯାଏ। ଭାସମାନ ଯୋଗ ହେଉଛି ଭୂମି ନୁହେଁ, ପାଣି ଉପରେ ଏକ ଭାସମାନ ଯୋଗ ଏବେ ଲୋକପ୍ରିୟ ହେଉଛି। ପାଣିରେ ଏକ ପେନାଲ ବୋର୍ଡ଼ ଉପରେ ଏହି ଯୋଗ କରାଯାଏ। ସାଧାରଣ ଭାବେ ହ୍ରଦ ଓ ପୋଖରୀରେ ଏହି ଯୋଗ କରାଯାଉଥିବା ବେଳେ କେହି କେହି ସୁଇମିଂ ପୁଲରେ ବି କରନ୍ତି। ଯୋଗାଭ୍ୟାସ କାଳରେ ନିଜ ଉପରେ ଓ ପେଡ଼ାଲ ବୋର୍ଡ଼ ଉପରେ ନିୟନ୍ତ୍ରଣ ରହିବା ନିହାତି ଜରୁରୀ। ହାୱାଇରୁ ଆରମ୍ଭ ହୋଇଥିବା ଏହି ଯୋଗ ଏକାସଙ୍ଗରେ ଏକାଧିକ ମାଂସପେଶୀକୁ ପ୍ରଭାବିତ କରିଥାଏ। ଅଭ୍ୟାସ ସମୟରେ ବାହୁ, କାନ୍ଧ ଏବଂ ପିଠିର ମାଂସପେଶୀରେ ଚାପ ପଡ଼େ, ଯାହାଦ୍ୱାରା ଏହା ଶକ୍ତ ହୋଇଥାଏ। ସମ୍ପ୍ରତି ଭାରତର ଶାଶ୍ୱତ ଯୌଗିକ ପଦ୍ଧତିଗୁଡ଼ିକ ବିକଳ୍ପ ଚିକିତ୍ସା ପଦ୍ଧତି ବା ମର୍ତ୍ତ୍ୟ ଯୋଗ ରୂପରେ ସମଗ୍ର ପୃଥିବୀରେ ଲୋକପ୍ରିୟ ହେବାରେ ଲାଗିଛି। ଏହି କ୍ରମରେ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଥିବା କେତୋଟି ଚିକିତ୍ସା ପଦ୍ଧତି ହେଉଛି - ଆସନ, ପ୍ରାଣାୟାମ, ଧ୍ୟାନ, ଯୋଗନିଦ୍ରା, ଅତୀନ୍ଦ୍ରିୟ ଶକ୍ତିର ପ୍ରୟୋଗ, ସମ୍ମୋହନ, ଟେଲିପାଥି, ଯଜ୍ଞୀୟ ଚିକିତ୍ସା ପଦ୍ଧତି, ସିଦ୍ଧଚିକିତ୍ସା ପଦ୍ଧତି, ରେକୀ, ପ୍ରାଣିକ ହିଲିଙ୍ଗ, ଆକ୍ୟୁପ୍ରେସର ଇତ୍ୟାଦି। ଏବେ ଆଧୁନିକ ବୈଜ୍ଞାନିକଗଣ ଏହିସବୁ ପଦ୍ଧତିରେ କି ସତ୍ୟତା ରହିଛି ଜାଣିବା ପାଇଁ ନିଜର ଯନ୍ତ୍ରପାତି ଏବଂ ଉପକରଣ ଦ୍ୱାରା ତାହାର ଉପଯୋଗିତା ପରୀକ୍ଷା କରିବାରେ ଲାଗିପଡ଼ିଛନ୍ତି। ସେଥିରୁ ପ୍ରାପ୍ତ ସୁଫଳକୁ ଦେଖି ସେମାନେ ମୁକ୍ତ କଣ୍ଠରେ ସ୍ୱୀକାର କରୁଛନ୍ତି - ଭାରତର ଯୌଗିକ ପଦ୍ଧତି ଦ୍ୱାରା କେବଳ ମାନବର ସ୍ୱାସ୍ଥ୍ୟ ସମସ୍ୟା ନୁହେଁ, ସାମଗ୍ରିକ ସମସ୍ୟା ମଧ୍ୟ ସମାଧାନ ହୋଇପାରିବ। ବହୁ ଆଧୁନିକ ଚିକିତ୍ସାବିଜ୍ଞାନୀ ପରିଣାମରେ ଆଶ୍ଚର୍ଯ୍ୟଚକିତ ହୋଇ ଏବେ ବିଭିନ୍ନ ଅସାଧ୍ୟ ରୋଗ କ୍ଷେତ୍ରରେ ଏହାକୁ ପ୍ରୟୋଗ କରି ଆଶାତୀତ ଫଳ ପାଉଛନ୍ତି। ଏଥିରେ ରୋଗୀକୁ ଯେମିତି ଆରୋଗ୍ୟ ମିଳୁଛି, ସେମିତି ଶାନ୍ତି ଏବଂ ଆନନ୍ଦ ମିଳୁଛି। ଶରୀର ମନର ସନ୍ତୁଳନ, ବ୍ୟକ୍ତିତ୍ୱର ବିକାଶ ଏବଂ ଲକ୍ଷ୍ୟ ହାସଲ ଆଦି ବହୁକଥା ଏହିସବୁ ପ୍ରକ୍ରିୟା ମାଧ୍ୟମରେ ପ୍ରାପ୍ତ ହୋଇପାରୁଛି।

*ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨*

# ଠାକୁରଙ୍କ କି ଦୋଷ ?



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଦେଖାଯାଉଛି, ଏକ ଗ୍ରାମ ଏକ ଭୂମିରେ ଦୁଇଜଣ ଦୁଇପକ୍ଷ ବାଦୀ ପ୍ରତିବାଦୀ ହୋଇ ମକଦ୍ଦମା ଲିପ୍ତ। ଏମିତିକି ଦେଖାଯାଏ ସେମାନେ ପାଞ୍ଜି ଦେଖି ହେଉ ବା କୌଣସି ଜ୍ୟୋତିଷଙ୍କ ଭକ୍ତିରେ ଘରୁ ଅନୁକୂଳ ଭଲ ସମୟ ଅମୃତ ମାହେନ୍ଦ୍ର ସମୟରେ ବାହାରିଥାନ୍ତି। ପୁଣି ଯେଉଁ ସ୍ଥାନରୁ ବାହାରନ୍ତି ସେଠାରୁ କଚେରୀ ସମୟରେ ପହଞ୍ଚିବା ବେଳକୁ ସଠିକ ସମୟରେ ପହଞ୍ଚିବା ପାଇଁ ବେଳେ ବେଳେ ଏକ ଯାନରେ ଯାତ୍ରା କରନ୍ତି। ହେଲେ ଜଣଙ୍କ ସପକ୍ଷରେ ହିଁ ନ୍ୟାୟ ଯାଏ। ଏକ ଗ୍ରାମର ଗ୍ରାମ ଦେବତା ଦେବତୀଙ୍କୁ ଉଭୟ ମନାସୀ ଭକ୍ତିପୂତ ପ୍ରଣାମ ଦଣ୍ଡବତ କରି ଅଦାଲତକୁ ବାହାରିଥାନ୍ତି। ଦୁଇଜଣ ବାଦୀ ପ୍ରତିବାଦୀଙ୍କ ଓକିଲ ଏକ ଧରଣର ପାଠ ଏକ ସିଲାବସରେ ଏମିତିକି ଏକ କଲେଜରେ ସମାନ ବହିର ପାଠ ପଢ଼ିଥାନ୍ତି ଏଥିରେ ଜଣେ କାମକା ହୁଅନ୍ତି ଜଣେ ନିଷ୍ଫଳ ହୁଅନ୍ତି। ଆଇନ ବିଦ୍ୟା ତ ସରସ୍ୱତୀଙ୍କର ଦପ୍ତରର ଏକ ଅଙ୍ଗ ଉଭୟ ସରସ୍ୱତୀଙ୍କ ଉପାସକ ହେଲେ ଜିତିବା ହାରିବାରେ ଏଠି ସ୍ୱର ଦେବୀ ମାଆଙ୍କ ଉଦ୍ଦେଶ୍ୟରେ ଉଠାଇବା କେବେ ଶୁଣାଯାଇଛି କି ? ମାଆ ଅନ୍ନପୂର୍ଣ୍ଣା ବା ମହାଲକ୍ଷ୍ମୀ ସମସ୍ତଙ୍କ ଭୋଜନ ବ୍ୟବସ୍ଥା କରିଛନ୍ତି। ଭାଇଠାରୁ ଐରାବତ ଯାଏ ସମସ୍ତଙ୍କୁ ସେ ଖାଦ୍ୟ ଯୋଗାଉଥିବାରୁ ମନୁଷ୍ୟମାନେ ଏହା ଭିତରେ ଅଛନ୍ତି। ଜଣେ ଥିଲାବାଲା ଲୋକର ଭୋଜନରେ କେତେ ପ୍ରକାର ରକମ ଖାଉଛନ୍ତି ତ ଜଣେ ଦରିଦ୍ର ଅଭାବଗ୍ରସ୍ ମୁଠିଏ ଅନ୍ନ ଖଣ୍ଡିଏ ଶୁଖାରୁଟି ଖାଇ ପ୍ରାଣଧାରଣ କରୁଛି। ଏଥିରେ କେହି ଅନ୍ନପୂର୍ଣ୍ଣାଙ୍କୁ ଦୋଷ ଦେଉଛନ୍ତି କି ? ସମସ୍ତେ ନିଜ ନିଜର ପ୍ରାରବ୍ଧାଦି କର୍ମଫଳର ଉପଭୋକ୍ତା। ମଙ୍ଗଳ କାର୍ଯ୍ୟରେ ସର୍ବମଙ୍ଗଳା ପ୍ରତି ମୁକାମରେ ବାଟମଙ୍ଗଳା ବା ବଟଗଛ ମୂଳରେ ପୂଜତି ବାଟ ମଙ୍ଗଳା ଏହାଙ୍କର ପ୍ରଥମ ମଙ୍ଗଳା ପୂଜା ଦିଅଁ ମଙ୍ଗୁଳା ନହେଲେ ଗୃହରେ ବିବାହ ବ୍ରତ ଗୃହ ପ୍ରତିଷ୍ଠା ଯଜ୍ଞାଦି କାର୍ଯ୍ୟ ହେଉନାହିଁ। ଦେବୀ ମାଆ ସମସ୍ତଙ୍କ ମାଆ ଯଦି ହୁଅନ୍ତି ତେବେ ଗ୍ରାମର ମୁକାମର ସମସ୍ତେ କାହିଁକି ଏକ ପ୍ରକାରରେ ଚଳୁନାହାଁନ୍ତି। ସମସ୍ତଙ୍କର ରୋଜଗାର ଏକାପରି ନୁହଁକି ଧନ ଦୌଲତ ଉପଭୋକ୍ତା ଏକାପରି ନୁହଁ। ମଙ୍ଗଳକୃତ୍ୟ ସମସ୍ତଙ୍କର ସମାନ ପ୍ରକାର ଆୟୋଜନରେ ନୁହଁ। ଗ୍ରାମ ଦେବା ଦେବୀଙ୍କର ନାଁକୁ ମାତ୍ର ଉପାସନାକାରୀ ସମସ୍ତେ ଏଥିରେ କିଏ ପ୍ରକୃତ ଭକ୍ତିରେ ପୂଜା କରିବା ବ୍ୟକ୍ତି ବିରଳ।ମଣ୍ଡଳ ଦେବତୀ ଆମ ଓଡ଼ିଶାରେ କୁହାଯାଏ ଅଷ୍ଟକିଳା, ଶାରଳା ମଙ୍ଗଳା, କଟକ ଚଣ୍ଡୀ, ସମଲାଇ, ବିମଳା, ବିରଜା, ଭଗବତୀ ପରି ଦେବୀ ମାଆଙ୍କ ସହିତ ତାରିଣୀ, ତାରାତାରିଣୀ, ନାରାୟଣୀ, ଉଗ୍ରତାରା, କାଳିଜାଇ, ସୁରେଶ୍ୱରୀ, ଘଣ୍ଟେଶ୍ୱରୀ, ରାମଚଣ୍ଡୀ, ଧାମରାଇ କନକ ଦୁର୍ଗା, ଭଦ୍ରକାଳୀ, ହରଚଣ୍ଡୀଙ୍କ ପରି ଅନେକ ଦେବୀ ପୀଠକୁ ମହିମାମୟୀ ଅନେକ ଠାକୁରାଣୀ ବିଭିନ୍ନ ସ୍ଥାନରେ ଲୋକଙ୍କର ବିଶ୍ୱାସର ମୂଳରେ ଅଛନ୍ତି। ପ୍ରତି ଶିବ ମନ୍ଦିରରେ ଗୌରୀ ପାର୍ବତୀ ଅନ୍ନପୂର୍ଣ୍ଣା ବି ପୀଠେଶ୍ୱରୀ ଏମାନଙ୍କୁ ସର୍ବତ୍ର ପୂଜା କରି ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟରେ ଲୋକେ ଆଗେଇବା ପରମ୍ପରା ଦେଖାଯାଉଛି। କୁହାଯାଏ ଏମାନେ ଶକ୍ତି ସ୍ୱରୂପିଣୀ ଶକ୍ତି ଆହରଣ କରି ରାବଣ ଯୁଦ୍ଧକୁ ବାହାରିଥିଲେ। ଶ୍ରୀରାମ ମାହାରିଥିଲେ ମହାଭାରତ ଯୁଦ୍ଧରେ ଅର୍ଜୁନ ବି ଶକ୍ତି ଆରାଧନା କରି ବାହାରିଥିଲେ। ଭକ୍ତିନିଷ୍ଠା ହିଁ ଶକ୍ତିଶାଳୀକୁ ଦେବୀବଳ ଦେଇଥାନ୍ତି। ସବୁ ଦୈବୀ ଶକ୍ତି ଏକ ନିୟମରେ ବନ୍ଧା। ଏ କାହାର ପିତୃ ସମ୍ପତ୍ତି ନୁହଁନ୍ତି ମାତ୍ର ଭକ୍ତିରେ ବଶୀଭୂତ ଶକ୍ତି। ନ୍ୟାୟରେ ଥିଲେ ଜିତାପଟ କରାଇଥାନ୍ତି। ମାଆ ଗାନ୍ଧାରୀଙ୍କ ଆଶୀର୍ବାଦ ଏକାପରି ଯାହା ଯୁଧିଷ୍ଠିରଙ୍କ ପ୍ରତି ଯେଉଁ ବଚନର ଆଶୀର୍ବାଦ ସେହି ବଚନରେ ତାଙ୍କ ନିଜ ପୁତ୍ର ଦୁର୍ଯ୍ୟୋଧନଙ୍କୁ ମଧ୍ୟ ଏକ ଆଶୀର୍ବାଦ 'ଏକ ଅକ୍ଷୟ ହେଉ ପୁଣ୍ୟ ଜଗତେ ଧର୍ମର ହେଉ ଜୟ।' ଦେବୀ ମାଆମାନେ ଯଥାର୍ଥରେ ଏପରି ବାଣୀରେ ରହିଥାନ୍ତି। ବାଦୀ ପ୍ରତିବାଦୀ ଦୁଇ ବା ତିନି ପ୍ରକାର ବା ଅଧିକ ପ୍ରାର୍ଥ ଏକ ଦେବୀ ପାଖରେ ପ୍ରାର୍ଥୀ ହୋଇଥିଲେ ଏଇ ପ୍ରକାର ଏକ ପ୍ରକାର ଆଶୀର୍ବାଦ ପାଇଥାନ୍ତି। ଆମର ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦେଶ ଦେବତା କୁହାଯାଏ ସେ ଯେତେ ପାର୍ଥୀଙ୍କ ଦ୍ୱାରା ଆରାଧନା ହୁଅନ୍ତୁ ସେ ଧର୍ମରକ୍ଷା ପାଇଁ ପ୍ରେରଣା ଦେଇଥାନ୍ତି। ଗୋରୁ ମାରି ଜୋତାଦାନକାରୀଙ୍କୁ ସେ ଦାନର ସୁଫଳ ମିଳେ ନାହିଁ। ପ୍ରଭୁଙ୍କ ଭକ୍ତଙ୍କୁ ଠକିବା ଚେଷ୍ଟା ମନକଥା ଚିନ୍ତାମଣି ସର୍ବଦା ଜାଣି ତାକୁ ଭାବନା ଦେବା ଶିକ୍ଷା ଦିଗକୁ ଭିଡ଼ିଥାନ୍ତି। ହାରଜିତ ପରିଶ୍ରମ ଓ ଧର୍ମ ଚେତନା ଅନୁସାରେ ସତ୍ୟବ୍ରତଙ୍କୁ ହିଁ ଉଚିତ ମିଳେ। ତାହା ନକଲେ ଦେବତାଙ୍କୁ ଦୋଷ ଦେଇ ନାସ୍ତିକ ମତରେ କେହି ଯିବା ଉଚିତ ନୁହେଁ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩*

# ଖରାଛୁଟିରେ ଗ୍ରାମାଞ୍ଚଳରେ ପାଠପଢ଼ା ନିମନ୍ତେ ଅଭିନବ ପ୍ରୟାସ

**ଲୋକନାଥ ପଣ୍ଡା**

ନିକଟରେ ଖରାଛୁଟି ସରିବା ପରେ ବିଦ୍ୟାଳୟ ଖୋଲା ହେଲାଣି ଓ କେତେକ ଜିଲ୍ଲାରେ ବିଦ୍ୟାଳୟ, ଶିକ୍ଷକ ଓ ଛାତ୍ରଛାତ୍ରୀ ସଜବାଜ ହେଲେଣି । ପ୍ରାୟତଃ ମାର୍ଚ୍ଚ ମାସ ପରୀକ୍ଷା ଶେଷ ପରେ ଏବଂ ଅପ୍ରେଲ ତୃତୀୟ ସପ୍ତାହରୁ ଜୁନ୍ ଶେଷ ପର୍ଯ୍ୟନ୍ତ ବିଦ୍ୟାଳୟ ଛୁଟି କହିଲେ ଚ଼ଳେ । ଏହି ସମୟରେ ଗ୍ରାମାଞ୍ଚଳର ଶିଶୁମାନଙ୍କର ପାଠପଢ଼ା ପ୍ରାୟତଃ ବନ୍ଦ ହୋଇଯାଇଥାଏ । ପୁଣି ଥରେ ପ୍ରାୟତଃ ଶିଶୁମାନେ ବିଦ୍ୟାଳୟକୁ ଫେରିବା ବେଳକୁ ଅନେକ ପୂର୍ବରୁ ଲାଭକରିଥିବା ଶିକ୍ଷା ଭୁଲି ଯାଇଥାଆନ୍ତି ବୋଲି ଅନେକ ଅଭିଯୋଗ ଆସେ । ସରକାରଙ୍କର ତରଫରୁ ଛୁଟି ସମୟରେ ଶିଶୁମାନେ ଶିକ୍ଷାଲାଭ କରିବା ପାଇଁ କାର୍ଯ୍ୟପୁସ୍ତିକା ବା ଅଭ୍ୟାସପୁସ୍ତିକା ଯୋଗାଇ ଦିଆଯାଇଥାଏ, କିନ୍ତୁ ଶିଶୁଟି ଅନେକ ସମୟରେ ଏକ ଉପଯୁକ୍ତ ଶିକ୍ଷଣ ପରିବେଶଟିଏ ନପାଇ ଏହାର ଅଭ୍ୟାସ କରିବାରେ ଅବହେଳା କରିଥାଏ । ଗ୍ରାମାଞ୍ଚଳରେ ବଢୁଥିବା ଶିଶୁଟି ଆନୁଷ୍ଠାନିକ ଶିକ୍ଷା ଲାଭ କରିନଥିଲେ ମଧ୍ୟ ନିଜ ପରିବେଶରୁ ଅନେକ କିଛି ଶିକ୍ଷାଲାଭ କରିବାର ସୁଯୋଗ ସୃଷ୍ଟି ହୋଇଥାଏ, କିନ୍ତୁ ତାହାକୁ ଉପଯୁକ୍ତ ମାନଦଣ୍ଡ ଭାବରେ ଗଣାଯାଇନଥାଏ, କିମ୍ବା ସମ୍ଭାବନାଗୁଡ଼ିକର ସୁଯୋଗ ନଷ୍ଟ କରାଯାଇଥାଏ ! ଗତ ଖରାଛୁଟି ସମୟରେ କେତେକ ରାୟଗଡ଼ ଜିଲ୍ଲାର ବିଷମକଟକ ବ୍ଲକର କେତେକ ଅଂଚଳକୁ ଯିବାକୁ ସୁଯୋଗ ପାଇଥିଲି । ସେଥିମଧ୍ୟରୁ ଗୋଟିଏ ଗ୍ରାମ ଥିଲା କାଂକୁବାଡ଼ି । ବିଷମକଟକ ବ୍ଲକ, ରାୟଗଡ଼ ଜିଲ୍ଲା । ପ୍ରାୟତଃ ସକାଳୁ ସକାଳୁ ଶିଶୁମାନେ ଗ୍ରାମର ଏକ ଆମ୍ବ ବଗିଚାରେ ଏକାଠି ହେଉଥିଲେ । ସେଥିରେ ଥିଲେ ଅଙ୍ଗନବାଡ଼ି ଶିଶୁଙ୍କ ଠାରୁ ଆରମ୍ଭ କରି ପଞ୍ଚମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଶିଶୁ । ସକାଳୁ ସକାଳୁ ସ୍ୱେଚ୍ଛାସେବୀ ଯୁବ ଶିକ୍ଷକ ପହଂଚି ଯାଉଥିବା ସଙ୍ଗେ ସଙ୍ଗେ ଶିଶୁମାନେ ନିକଟସ୍ଥ ଆମ୍ବ ବଗିଚାକୁ ଚାଲି ଆସୁଥିଲେ । ଆମ୍ବ ବଗିଚାର ମାଲିକ ଜଣେ ବୟସ୍କ ଆଦିବାସୀ ବ୍ୟକ୍ତି ଯାହାର ବୟସ ପାଖାପାଖ ୭୦ରୁ ଉର୍ଦ୍ଧ୍ୱ ହେବ । ନିଜ ଆମ୍ବ ବଗିଚାର ଶିଶୁମାନେ ଖୁସିରେ ପାଠପଢ଼ା ଦେଖି ସେ ମଧ୍ୟ ନିଜକୁ ଖୁସି ବ୍ୟକ୍ତ କରୁଥିଲେ । ମଝିରେ ମଝିରେ ପଠନ ସାମଗ୍ରୀ ତଥା ଶିଶୁସାହିତ୍ୟ ସମ୍ବନ୍ଧୀୟ ପୁସ୍ତକ ନେଇ ପଢ଼ିବା ପାଇଁ ଚେଷ୍ଟା କରୁଥିଲେ, ନିଜେ ପଢ଼ିପାରୁଥିଲେ କିନ୍ତୁ ଦୃଷ୍ଟି ସମସ୍ୟା ହେତୁ ଭଲ ଭାବରେ ଦେଖୁନଥିଲେ, ନିଜର ଅନୁଭୂତିକୁ ଶିଶୁମାନଙ୍କୁ ବାଣ୍ଟୁଥିଲେ । ଆମ୍ବତୋଟାରେ ଆମ୍ବଗୁଡ଼ିକ ଝୁଲୁଥିଲା । ବିକ୍ରୀ ହେଉନଥିଲା । ଯଦି ଶିଶୁମାନେ ଚାହିଁବେ, ତେବେ ଆମ୍ବ ଖାଇବେ ବୋଲି ବୃଦ୍ଧ ଜଣକ କହୁଥିଲେ। ସକାଳୁ ଏହିଭଳି ୧୦ ପର୍ଯ୍ୟନ୍ତ ଶିଶୁମାନଙ୍କର ପାଠପଢ଼ା, ସଂଖ୍ୟାଜ୍ଞାନ, ସଂଗୀତ, ଚିତ୍ର, ତଥା ଲାଇବ୍ରେରୀ ପୁସ୍ତକ ପଢ଼ନ୍ତି, ପୁଣି ସାଢ଼େ ଦଶଟା ସମୟରେ ଘରକୁ ଯାଆନ୍ତି। ଶିଶୁମାନେ ଏହି କାର୍ଯ୍ୟକ୍ରମକୁ ବେଶ୍ ଉପଭୋଗ କରୁଥିଲେ। ଶିଶୁମାନେ ଆମ୍ବବଗିଚା ମଧ୍ୟରେ ଆସି ଖୁସିମିଜାଜରେ ଶିକ୍ଷାଲାଭ କରୁଛନ୍ତି, ଶିକ୍ଷା ପାଇବା ପାଇଁ ଆଗ୍ରହ ଦେଖାଉଛନ୍ତି, ସେଥିପ୍ରତି ଗ୍ରାମବାସୀ ମଧ୍ୟ ବିଶେଷ ଖୁସୀ ଥିଲେ ।।ଅନ୍ୟ ଏକ ଗ୍ରାମ ମିନାହୋଲା । ବିଷମକଟକ ବ୍ଲକ । ଗ୍ରାମରେ ପ୍ରାୟ ୪୦ ଖଣ୍ଡ ପରିବାର । ସବୁ ଆଦିବାସୀ ସଂପ୍ରଦାୟର ଏବଂ ଚାଷ ଓ ଜଙ୍ଗଲ ଉପରେ ହିଁ ନିଜର ଜୀବିକା ନିର୍ଭର କରନ୍ତି । ସକାଳ ସାତଟା ହୋଇଗଲେ ଗ୍ରାମରେ ଅଙ୍ଗନବାଡ଼ି ଶିଶୁଙ୍କ ଠାରୁ ଆରମ୍ଭ କରି ଷଷ୍ଠ, ସପ୍ତମ ପର୍ଯ୍ୟନ୍ତ ପଢୁଥିବା ଶିଶୁ ଏକାଠି ହେଉଥିଲା ।କାର୍ଯ୍ୟକ୍ରମ ଆରମ୍ଭ ହେଉଥିଲା, ସକାଳ ପ୍ରାର୍ଥନା ସହ ଅଭିନୟ ସଂଗୀତ, ଏଥିସହିତ ଆଜିର ଦିନ, ତଥା କ୍ୟାଲେଣ୍ଡର ଓ ପାଣିପାଗ ସମ୍ପର୍କରେ ଆଲୋଚନା । ଏହାପରେ କିଛି ଗଣନ ଶିକ୍ଷା, ସହିତ ଭାଷା ଶିକ୍ଷାକୁ ନେଇ ବିଶେଷ ଗୁରୁତ୍ୱ ଦିଆଯାଉଥିଲା । ସ୍ୱେଚ୍ଛାସେବୀ ଜଣକ ସାଥିରେ କିଛି ଶିଶୁ ସାହିତ୍ୟ ତଥା ଶିଶୁଙ୍କ ମନଲାଗି ହେବା ଭଳି ପୁସ୍ତକ ଆଣୁଥିଲେ, ଏଥିରେ କାହାଣୀ ସହିତ ବିଭିନ୍ନ ବର୍ଗର ବହି ଥିଲା। ସମସ୍ତ ବହି ସଚିତ୍ର ଥିଲା। ଦିଦିଙ୍କ ସହିତ ଶିଶୁମାନେ ଏକତାଳରେ ଗୀତ ସହିତ ଅଭିନୟ କରୁଥିଲେ, ଗୀତଗୁଡ଼ିକ ମୁଖ୍ୟତଃ ଅଙ୍ଗନବାଡ଼ି ଓ ପ୍ରାଥମିକ ସ୍ତରର ପାଠ୍ୟପୁସ୍ତକ ତଥା ଭାଷା ବିକାଶ ସମ୍ବନ୍ଧୀୟ ଥିଲା । ଶିଶୁମାନଙ୍କର ଆଗ୍ରହ ଦେଖି ଗ୍ରାମବାସୀମାନେ ଶିଶୁମାନଙ୍କୁ ଛାଡ଼ି ନିଜ ନିଜ କାମରେ ଲାଗି ପଡୁଥିଲେ ।ଏହି ଭଳି କେତେକ ଗ୍ରାମରେ କାର୍ଯ୍ୟକ୍ରମ ଚାଲୁଥିଲା, ଯେଉଁଥିରେ ଶିଶୁଙ୍କର ଭାଷା ଓ ସଂଖ୍ୟାଜ୍ଞାନ ସହିତ ସୃଜନାତ୍ମକ ଦିଗର ବିକାଶ ପାଇଁ ବିଶେଷ ଗୁରୁତ୍ୱ ଦିଆଯାଉଥିଲା। ଯେଉଁ ସ୍ୱେଚ୍ଛାସେବୀ ଜଣକ ଶିକ୍ଷାଦାନ କରିବାକୁ ଯାଉଥିଲେ ସାଥିରେ କିଛି ପାଠାଗାର ସମ୍ବନ୍ଧୀୟ ପୁସ୍ତକ ସହିତ ଶିକ୍ଷଣ ସାମଗ୍ରୀ ମଧ୍ୟ ସାଥିରେ ନେଉଥିଲେ, ଯାହାକି ଶିଶୁମାନଙ୍କୁ ଶିକ୍ଷାଦାନରେ ଆଗ୍ରହ ସୃଷ୍ଟି କରୁଥିଲା ।ସବୁଠାରୁ ବଡ଼ କଥା ହେଲା, ଅନେକ ସ୍ଥାନରେ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ହୋଇଛି । ସରକାରଙ୍କ ତରଫରୁ ସମସ୍ତ ଶିଶୁଙ୍କ ଶିକ୍ଷା ଦେବାର ବ୍ୟବସ୍ଥା ଥିଲେ ମଧ୍ୟ କୋଭିଡ୍ ସମୟରେ ଏହା ଗ୍ରାମାଞ୍ଚଳରେ ଏବଂ ମୁଖ୍ୟତଃ ଆଦିବାସୀ ଅଂଚଳରେ ସମ୍ପୂର୍ଣ୍ଣ ଭାବରେ ବାଧାପ୍ରାପ୍ତ ହୋଇଥିଲା । କିନ୍ତୁ କେତେକ ଅନୁଷ୍ଠାନ ତରଫରୁ ଆଦିବାସୀ ଓ ଦୁର୍ଗମ ଅଂଚ଼ଳରେ ଭ୍ରାମ୍ୟମାଣ ଶିକ୍ଷା ସଂଯୋଗ କାର୍ଯ୍ୟକ୍ରମ, ସ୍କୁଲ ସଂଯୋଗ କାର୍ଯ୍ୟକ୍ରମ ଭାବରେ କାର୍ଯ୍ୟକାରି ହେଇଥିଲା ଯାହାକି ପରବର୍ତ୍ତୀ ସମୟରେ ଶିଶୁମାନଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାକୁ ସାହାଯ୍ୟ କରିଥିଲା ।

ଖରାଛୁଟି ସମୟରେ ବିଷମକଟକ, କୋଟଗଡ଼ ଏବଂ ଲାଞ୍ଜିଗଡ଼ ବ୍ଲକରେ କିଛି ସ୍ୱେଚ୍ଛାସେବୀ ନିୟମିତ ଭାବରେ ସପ୍ତାହରେ ଦୁଇଥର ଗୋଟିଏ ଗାଁକୁ ଯାଇ ନିୟମିତ ଭାବରେ ଶିଶୁମାନଙ୍କର ଶିକ୍ଷାଦିକ୍ଷାରେ ସହାୟତା କରୁଥିଲେ । ସେମାନଙ୍କର ଶିକ୍ଷାଦାନ ପାରମ୍ପରିକ ନଥିଲା, ସେମାନେ ମୂଳତଃ ଶିଶୁଙ୍କର ଭାଷା ଓ ସଂଖ୍ୟା ଜ୍ଞାନର ଦକ୍ଷତା କିପରି ବୃଦ୍ଧି ହେବ, ପଠନ ପ୍ରତି ଆଗ୍ରହ ସୃଷ୍ଟି କିପରି ବଢ଼ିବ, ସେଥିପ୍ରତି ଗୁରୁତ୍ୱ ଦେଉଥିଲେ । କେତେକ ଅଂଚଳରେ ସ୍ଥାନୀୟ ଶିକ୍ଷକ ମଧ୍ୟ ଏହିଭଳି କାର୍ଯ୍ୟକ୍ରମ ଚାଲୁଥିବାରୁ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କୁ କୃତଜ୍ଞତା ଜଣାଉଥିଲେ । କାଂକୁବାଡ଼ି ଗ୍ରାମରେ ସ୍କୁଲ ଖୋଲିବା ପୂର୍ବରୁ ଗ୍ରାମବାସୀ ଖୁସୀରେ ଶିଶୁମାନଙ୍କ ନିମନ୍ତେ ଏକ ଭୋଜି ଆୟୋଜନ କରିଥିଲେ । ଏଥିରୁ ଅନୁମାନ କରି ହେଉଥିଲା, ଗ୍ରାମବାସୀମାନେ ପିଲାମାନଙ୍କର ଶିକ୍ଷାଦୀକ୍ଷା ପ୍ରତି କେତେ ଗୁରୁତ୍ୱ ଦେଉଛନ୍ତି । ଶିଶୁମାନେ ସ୍ୱତଃପ୍ରବୃତ୍ତ ଭାବରେ ପାଠପଢ଼ିବା ପାଇଁ ଆସୁଥିଲେ । ଶିକ୍ଷକଙ୍କ ମଧ୍ୟ ଅଭିନବ ପ୍ରୟାସ ରହିଥିଲା ଯାହାକି ଶିଶୁମାନଙ୍କୁ ଶିକ୍ଷାଦୀକ୍ଷା ଦିଗରେ ଆଗ୍ରହ ସୃଷ୍ଟି କରିଥିଲା । ଶିକ୍ଷାଦାନରେ ମୂଳତଃ ଭାଷା ଜ୍ଞାନ ସହିତ ଓ ସଂଖ୍ୟାଜ୍ଞାନକୁ ଆଧାର କରି ଶିକ୍ଷାଦିଆଯାଉଥିଲା। । ଅଙ୍ଗନବାଡ଼ି କେନ୍ଦ୍ରର ଶିଶୁମାନେ ମେଳ ମଧ୍ୟରୁ ଅଲଗା ବାଛିବା, ବିଭିନ୍ନ ରଙ୍ଗର କାଗଜକୁ ଅଲଗା ଅଲଗା କରି ବାଛିବା, ବଡ଼-ସାନ ସଜାଇବା, ସଂଖ୍ୟା ଓ ଅକ୍ଷର ସହିତ ପରିଚିତ ହେବା, ସ୍କୁଲ ଯିବା ପୂର୍ବ ପ୍ରସ୍ତୁତି, କାହାଣୀର ଚିତ୍ର ଦେଖି କଳ୍ପନା କରିବା ଇତ୍ୟାଦି ଗତିବିଧିରେ ନିୟୋଜିତ ହେଉଥିଲେ । ସବୁଠାରୁ ବଡ଼କଥା ହେଲା ସେମାନଙ୍କୁ କାହାଣୀ କହିବା, କାହାଣୀ ଶୁଣିବା, ପୁସ୍ତକର ଚିତ୍ର ଦେଖି କଳ୍ପନା କରିବା, ଅଭିନୟ କରିବା ଆଦି କାର୍ଯ୍ୟକ୍ରମରେ ବେଶ୍ ଉତଫୁର୍ଲିତ ହେଉଥିଲେ । ପ୍ରଥମରୁ ତୃତୀୟ ଶ୍ରେଣୀ ପଢୁଥିବା ଶିଶୁମାନେ ମଧ୍ୟ ବିଭିନ୍ନ ପ୍ରକାର ଭାଷା ଶିକ୍ଷଣର ଗତିବିଧିରେ ସଂପୃକ୍ତି ରହୁଥିଲେ । ଚ଼ତୁର୍ଥ ଓ ପଞ୍ଚମ ପଢୁଥିବା ତଥା ଉଚ୍ଚ଼ ଶ୍ରେଣୀରେ ପଢୁଥିବା ଶିଶୁମାନେ ବିଶେଷ ଭାବରେ ବିଭିନ୍ନ ଗପବହି ପଢ଼ିବା, ସମ୍ପର୍କରେ ଆଲୋଚ଼ନା କରିବା ସହିତ ଅଭିନୟ ସଂଗୀତ ଆଦିରେ ସକ୍ରୀୟ ହେଉଥିଲେ । ଏଥିସହିତ ଶିଶୁମାନେ ନିଜ ଅଂଚ଼ଳରେ ମିଳୁଥିବା ବିଭିନ୍ନ ଗଛକୁ ଚିହ୍ନିବା, ପରିବେଶକୁ ଚିହ୍ନିବା ସହିତ ଗାଁ ବୟସ୍କ ଲୋକଙ୍କ ଠାରୁ କାହାଣୀ ଶୁଣିବା, ନିଜ ଗ୍ରାମ ପୂର୍ବରୁ କିପରି ଥିଲା,ଏ ସମ୍ପର୍କରେ ମଧ୍ୟ ଆଲୋଚ଼ନା କରିବାର ଏକ ସୁଯୋଗ ସୃଷ୍ଟି ହେଉଥିଲା । ନୂତନ ଶିକ୍ଷାନୀତି ଅନୁସାରେ ସରକାରଙ୍କ ତରଫରୁ ଭାଷା ଓ ସଂଖ୍ୟାଜ୍ଞାନକୁ ପ୍ରାଥମିକ ସ୍ତରରେ ଗୁରୁତ୍ୱ ଦିଆଯାଉଛି । ଏହିଭଳି ପରିପ୍ରେକ୍ଷୀରେ ସିନି-ଟାଟା ଟ୍ରଷ୍ଟ ତରଫରୁ ଗ୍ରାମୀଣ ଅଂଚ଼ଳରେ ଗ୍ରାମୀଣ ଶିକ୍ଷା ସମୃଦ୍ଧି କାର୍ଯ୍ୟକ୍ରମ ଭାବରେ ରାୟଗଡ଼ ଜିଲ୍ଲାର ବିଷମକଟକ, କନ୍ଧମାଳ ଜିଲ୍ଲାର କୋଟଗଡ଼ ବ୍ଲକ ଓ କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକର ଗ୍ରାମୀଣ ଅଂଚ଼ଳରେ ସ୍କୁଲ ଛୁଟି ସମୟରେ ଶିଶୁଙ୍କ ଭାଷା ଓ ସଂଖ୍ୟା ଜ୍ଞାନ ବିକାଶ ନିମନ୍ତେ ଯେଉଁଭଳି ସୃଜନାତ୍ମକ କାର୍ଯ୍ୟକ୍ରମ କରାଯାଉଥିଲା, ତାହା ଅନ୍ତତଃ ଶିଶୁମାନଙ୍କୁ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ଦିଗରେ ସହାୟକ ହେବ ଏ ଲେଖକ ଆଶା କରୁଛି । ଭାଷା ଶିକ୍ଷା ସହିତ ନିଜର ପରିବେଶକୁ କିପରି ଶିଶୁଟି ଶିଖିବ, ଭଲପାଇବ ଏବଂ ନିଜର ଆତ୍ମବିଶ୍ୱାସ ବୃଦ୍ଧି ହେବ, ସେଥିପ୍ରତି ବିଶେଷ ଭାବରେ ଗୁରୁତ୍ୱ ଦିଆଯାଉଥିଲା । ଫଳରେ କିଛି ମାତ୍ରାରେ ହେଲେ ମଧ୍ୟ ଗାଁରେ ଏକ ଶିକ୍ଷଣ ପରିବେଶ ସୃଷ୍ଟି ହେଉଥିଲା ଏବଂ ଏହି କାର୍ଯ୍ୟକ୍ରମରେ ଗ୍ରାମର କିଛି ଶିଶୁ ଭାଗ ନେଉଥିଲେ ଏବଂ ଉପକୃତ ହେଉଥିଲେ, ଶିଶୁମାନଙ୍କୁ ଶିକ୍ଷା ପାଇବା ପାଇଁ ସେମାନଙ୍କ ମଧ୍ୟରେ ଆଗ୍ରହର ବୀଜ ସୃଷ୍ଟି ହେଉଥିଲା, ତାହାହିଁ ପରବର୍ତ୍ତୀ ସେମାନଙ୍କ ମଧ୍ୟରେ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଆଗ୍ରହ ସୃଷ୍ଟି କରିବ !

*ରାଣୀଗୁଡ଼ା, ରାୟଗଡ଼ -୭୬୫୦୦୧*
*ଦୂରଭାଷ: ୯୪୩୮୦୮୧୪୩୦*




# ମାଇକଞ୍ଚ ପଞ୍ଚାୟତ ସରପଞ୍ଚଙ୍କୁ ଆକ୍ରମଣ ନେଇ କାଶୀପୁର ଆଦିବାସୀ ସମାଜ ପକ୍ଷରୁ ଅଣ୍ଡିରାକଞ୍ଚ ଥାନାରେ ଏତଲା



ରାୟଗଡ଼ା,(ପି.ଏନ): ସିଲଭର ପ୍ଲାଣ୍ଟେସନ ବିଲ ପ୍ରଦାନକୁ ନେଇ ସରପଞ୍ଚ ଓ ବିଭାଗୀୟ କର୍ମୀଙ୍କ ମଧ୍ୟରେ ଝଗଡ଼ା କୁ ନେଇ କାଶୀପୁର ଆଦିବାସୀ ସଂଘ ପକ୍ଷରୁ ଆଜି ଅଣ୍ଡିରାକଞ୍ଚ ଥାନରେ ଏତଲା ଦେଇଛନ୍ତି । କାଶିପୁର ଆଦିବାସୀ ସମାଜ ସଭାପତି, ସମାଜ କର୍ମକର୍ତ୍ତା କାଶୀପୁର ସରପଞ୍ଚ ଙ୍କ ମିଳିତ ଭାବରେ ଦିଆଯାଇଛି ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ମାଇକଞ୍ଚ ଗ୍ରାମ ପଞ୍ଚାୟତ ସରପଞ୍ଚ ମସ୍ତରାମ ମାଝୀଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ଆକ୍ରମଣରେ ସରପଞ୍ଚ ଆହତ ହୋଇଥିବା ଜଣାପଡ଼ିଛି । ତାଙ୍କ ମୁହଁ ଓ ନାକରେ ମାଡ଼ ବାଜିଛି । କାଶୀପୁର ବ୍ଲକ ଜଳ ବିଭାଜିକାର ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ ଅଧିକାରୀ ଶ୍ରୀକୁମାର ନାୟକ ଓ ତାଙ୍କ ସହଯୋଗୀ ମିଶି ସରପଞ୍ଚଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଥିବା ନେଇ ଗତ ୧୭ ତାରିଖ ରେ ରାୟଗଡ଼ା ଥାନାରେ ସରପଞ୍ଚ ଅଭିଯୋଗ କରିଛନ୍ତି । ସମ୍ପ୍ରସାରଣ କର୍ମୀ ଶ୍ରୀ ନାୟକ ମାଡମାରି ନଥିବା କହିବା ସହ ତାଙ୍କୁ ଓଲୋଟା ସରପଞ୍ଚ ଓ ତାଙ୍କ ସାଥୀରେ ଆସିଥିବା ଲୋକେ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିଥିବା ନେଇ ଥାନାରେ ଅଭିଯୋଗ ଦେଇଥିବା ଜଣାପଡ଼ିଛି । ଘଟଣାକୁ ନେଇ ରାୟଗଡ଼ା ଥାନା ଆରକ୍ଷୀ ନିରୀକ୍ଷକ କମଳକାନ୍ତ ବସନ୍ତକୁମାର କହଁର ଉଭୟ ପକ୍ଷଙ୍କ ଏତଲା ଗ୍ରହଣ କରିଛନ୍ତି । ମିଳିଥିବା ସୂଚନା ପ୍ରକାରେ, ଆଜି ମାଇକଞ୍ଚ ଗ୍ରାମ ପଞ୍ଚାୟତର କାକୁଡ଼ିପଦର, ମାଇକଞ୍ଚ, ଝିରିଖୋଲ, କରଞ୍ଜି କୁପାଖାଲ, କଟୁଝିରି, କୁପାଖାଲ ଓ ଅନ୍ୟାନ୍ୟ ଗ୍ରାମର ୧୫ରୁ ୨୦ଜଣ ହିତାଧିକାରୀମାନେ ସରପଞ୍ଚ ମସ୍ତରାମ ମାଝୀ ଙ୍କୁ ସାଥି?ରେ ନେଇ ରାୟଗଡ଼ା ସ୍ଥିତ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଆସି ସିଲଭର ପ୍ଲାଣ୍ଟେସନ ବାବଦକୁ ନେଇ ଛଡା ଯାଉ ନଥିବା ବିଲ ବିଷୟରେ ଆଲୋଚନା କରିଥିଲେ । ଏହି ସମୟରେ ବିଲ କରୁଥିବା ସମ୍ପ୍ରସାରଣ କର୍ମୀ ଶ୍ରୀ ନାୟକଙ୍କୁ ଡକାଇ ଥିଲେ ମଧ ସେ ଆସି ନଥିଲେ । ତେବେ କାର୍ଯ୍ୟାଳୟରୁ ସରପଞ୍ଚ ବାହାରି ତାଙ୍କ ସହ ଅନ୍ୟ ୩ ଜଣଙ୍କ ସହ ଯାଉଥିବା ବେଳେ ସମ୍ପ୍ରସାରଣ ଅଧିକାରୀଙ୍କୁ ଦେଖି ତାଙ୍କ ସହ ଆଲୋଚନା କରିବା ସମୟରେ ଶ୍ରୀ ନାୟକ ଓ ତାଙ୍କ ସହ ଥିବାକିଛି ବ୍ୟକ୍ତି ହଠାତ ଆକ୍ରମଣ କରି ସରପଞ୍ଚ ଶ୍ରୀ ମାଝୀଙ୍କ ମୁହଁରେ ମାଡ଼ ମାରିବାରୁ ସେ ରକ୍ତାକ୍ତ ହୋଇ ପଡ଼ିଥିଲେ ବୋଲି ଅଭିଯୋଗ କରିଛନ୍ତି । ସୂଚନା ଥାଉ କି ବିଭାଗ ପକ୍ଷରୁ ଓ ଅଭଯୋଗ ପ୍ରକାରେ ଉଚ୍ଚ ସ୍ତରୀୟ ତଦନ୍ତ କରି ଦଶୀଙ୍କ ବିରଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଆଦିବାସୀ ସମାଜ ପକ୍ଷରୁ ଦାବି ହଉଛି ।

# ନେତାଜୀ ଜୟନ୍ତୀରେ ଆସିବେ ମୁଖ୍ୟମନ୍ତ୍ରୀ

## ସମୀକ୍ଷା କଲେ ସଂସ୍କୃତି ସଚିବ, ଏଏସ୍ଆଇ ଅଧିକାରୀ



କଟକ,(ପି.ଏନ): ଆସନ୍ତା ୨୩ ତାରିଖ ନେତାଜୀ ଜୟନ୍ତୀରେ କଟକ ଆସିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ପୂର୍ବାହ୍ନ ୧୦ଟା ୩୦ ରେ ଓଡ଼ିଆ ବଜାର ସ୍ଥିତ ନେତାଜୀ ମ୍ୟୁଜିୟମ୍ ?ରେ ପହଞ୍ଚି ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ । ଏଥିପାଇଁ ରବିବାର ଅପରାହ୍ନରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ସଞ୍ଜିବ କୁମାର ମିଶ୍ର ନେତାଜୀ ମ୍ୟୁଜିୟମ୍ ?ରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ସମୀକ୍ଷା କରିଛନ୍ତି । ତାଙ୍କ ସହିତ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ମଧ ଉପସ୍ଥିତ ଥିଲେ । କାର୍ଯ୍ୟ ସୂଚୀ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନେତାଜୀଙ୍କୁ ମାଲ୍ୟାର୍ପଣ କରିବା ପରେ ସଂଗ୍ରାହଳୟକୁ ଯିବେ । ସେଠାରେ ଥିବା ନେତାଜୀଙ୍କ ୯ ନମ୍ବର ଜନ୍ମ କୋଠରୀ ପରିଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିବେ । ଏହାପରେ ବାରବାଟୀ ଦୁର୍ଗ ନିକଟ ସତ୍ୟବ୍ରତ ଷ୍ଟାଡିୟମରେ ହେବାକୁ ଥିବା ପରାକ୍ରମ ଦିବସ କାର୍ଯ୍ୟକ୍ରମରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ଆଜି ସଂସ୍କୃତି ବିଭାଗର ପ୍ରମୁଖ ସଚିବ ଓ ନିର୍ଦ୍ଦେଶକଙ୍କ ସହ ପ୍ରତ୍ନତତ୍ତ୍ୱ ସଂର୍ବେକ୍ଷଣ ସଂସ୍ଥାର( ଏଏସ୍ଆଇ )ଦିଲ୍ଲୀ ମୁଖ୍ୟାଳୟରୁ ଆସିଥିବା ଅଧିକାରୀମାନେ ନେତାଜୀ ମ୍ୟୁଜିୟମ୍ ଓ ସତ୍ୟବ୍ରତ ଷ୍ଟାଡିୟମ୍ ପରିଦର୍ଶନ କରି କାର୍ଯ୍ୟକ୍ରମ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ।

କେନ୍ଦ୍ର ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ଏହି ୩ ଦିନିଆ କାର୍ଯ୍ୟ କ୍ରମରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାଓ୍ୱତ ମଧ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏ ନେଇ ୨୧ ତାରିଖରେ ପୁଣି ସମୀକ୍ଷା କରାଯିବ । କାର୍ଯ୍ୟକ୍ରମକୁ ସାରା ଦେଶରୁ ଆଇଏନ୍ଏ ମାଲଟିଅସ୍କଙ୍କ ପରିବାର ଆସି ବା ସହ ଆଇଏନ୍ଏର ଜଣେ ସେବାନିବୃତ୍ତ ସୈନିକ ମଧ ଆସିବେ । ଏଥି ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ସତ୍ୟବ୍ରତ ଷ୍ଟାଡିୟମରେ ଟେଣ୍ଟ ବନ୍ଧା କାର୍ଯ୍ୟ ଆରମ୍ଭ ହୋଇଯାଇଛି । କାର୍ଯ୍ୟକ୍ରମରେ ନେତାଜୀଙ୍କ ଜୀବନୀ ସମ୍ପର୍କିତ ଫଟୋଚିତ୍ର ପ୍ରଦର୍ଶନୀ, ବହି, ବାଲୁକା କଳା, ପେଣ୍ଟିଂ ସହ ଭାସ୍କର୍ଯ୍ୟ କଳା ପ୍ରଦର୍ଶିତ ହେବ । ଏଥି ସହ ସାରା ଦେଶରୁ ନେତାଜୀଙ୍କ ସ୍ମାରକୀ ଆସିବା ସହ ରାଜ୍ୟ ଲଳିତ କଳା ଏକାଡେମୀ ପକ୍ଷରୁ ଚିତ୍ରକଳା ପ୍ରଦର୍ଶିତ ହେବ । ପୂର୍ବାହ୍ନ ୧୦ ଟାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିବ । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ୩ ଦିନ ଧରି ପିଲାମାନେ ମଞ୍ଚରେ ନେତାଜୀଙ୍କ ଜୀବନୀ ସମ୍ପର୍କିତ ନାଚ ଏବଂ ଡ୍ରାମା ପ୍ରଦର୍ଶନ କରିବେ । ଏଥିରେ ବିଭିନ୍ନ ଦେଶାତ୍ମବୋଧକ ସଙ୍ଗୀତ ମଧ୍ୟ ପରିବେଷଣ କରାଯିବ ବୋଲି ସୂଚନା ମିଳିଛି ।

# ମାନିଗୁଡ଼ା ସାଗୁଆନ ଜଙ୍ଗଲରେ ୯ଟିକିଆ ହାତୀ ପଲ

କୋମନା: ନୂଆପଡ଼ା ଜିଲ୍ଲା କୋମନା ରେଞ୍ଜ ଅଧୀନସ୍ଥ ତରବୋଡ ସେକ୍ସନ ମାନିଗୁଡା ନିକଟ ଶାଗୁଆନ ଜଙ୍ଗଲରେ ଆଜି ୯ ଟିକିଆ ହାତୀପଲ ଡେରା ପକାଇଛନ୍ତି । ଏଥିରେ ୨ ଶାବକ, ୩ଟି ଦନ୍ତା ଓ ୪ଟି ମାଈ ହାତୀ ରହିଛନ୍ତି । ଏହା ଜାଣିବା ପରେ ଅଞ୍ଚଳବାସୀ ଭୟଭୀତ ହୋଇଛନ୍ତି ଓ ସୂଚନା ଅନୁଯାୟୀ ଶନିବାର ସନ୍ଧ୍ୟାରେ ବଲାଙ୍ଗୀର ଜିଲା ବଡଡୋକଲା ଜଙ୍ଗଲ ଦେଇ ହାତୀପଲ କୋମନା ବ୍ଲକର ମାନିଗୁଡା ଗାଁ ନିକଟସ୍ଥ



ଶାଗୁଆନ ଜଙ୍ଗଲ ଭିତରକୁ ପ୍ରବେଶ କରିଥିଲେ । ସମାନେ ନିକଟରେ ଥିବା ସୁନ୍ଦର ଜଳସେଚନ ପ୍ରକଳ୍ପରୁ ପାଣି ପିଇ ପୁଣି ଶାଗୁଆନ ବଣକୁ ଆସି ଏକାଠି ହୋଇଛନ୍ତି ।ହାତୀପଲ କାହାରି କ୍ଷତି କରି ନ ଥିଲେ ମଧ କୋମନା ବନ ବିଭାଗ ରେଞ୍ଜର ଦେବଦତ୍ତ ସୁତାରରଙ୍କ ନେତୃତ୍ୱରେ ଏକ ଟିମ୍ ସେମାନଙ୍କ ଗତିବିଧି ଉପରେ ନଜର ରଖୁଛନ୍ତି ଓ ୩୫୩ ନମ୍ବର ଜାତୀୟ ରାଜପଥରୁ ୫୦ମିଟର ଦୂରରେ ହାତୀ ରହିଥି?ବାରୁ ଅଧିକାଂଶ ଯାନ ରାସ୍ତାରେ ଅଟକି ରହିଥି?ବା ଦେଖି?ବାକୁ ମିଳିଥିଲା । ହାତୀଙ୍କ ସୁରକ୍ଷା ନେଇ ବିଦ୍ୟୁତ୍ ବିଭାଗ ପକ୍ଷରୁ ତରବୋଡ ସେକ୍ସନ ଅଞ୍ଚଳରେ ବିଜୁଳି ସରବରାହ ବନ୍ଦ ରଖାଯାଇଛି । ଖଡିଆଳ ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ ଖାନ୍ ?ଙ୍କ ତତ୍ତ୍ୱାବଧାନରେ ଫରେଷ୍ଟର ଗୋପାଳ ମହାନନ୍ଦ,ଲକ୍ଷ୍ମୀଧର ଘିବେଲା, ଘସିଏନ୍ ପୋଡ, ବିଜୁ ରାଉତରାୟ, ଫରେଷ୍ଟଗାର୍ଡ ଉତ୍ତମ ମେହେର, ଅର୍ଚ୍ଚନା ସାହୁଙ୍କ ସମେତ ୬୦ରୁ ଉର୍ଦ୍ଧ୍ୱ କର୍ମଚାରୀ ହାତୀ ଗତିବିଧି ଉପରେ ନଜର ରଖିବା ସହ ପାଖ ଗାଁମାନଙ୍କୁ ଯାଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରୁଛନ୍ତି ।

# ଭଗବାନଙ୍କୁ ଛାଡୁ ନାହାନ୍ତି ଅସାଧୁ ବ୍ୟବସାୟୀ

## ଭେଜାଲ ପୂଜାସାମଗ୍ରୀ ଦୋକାନୀ ମାଲାମାଲ

ତାଳଚେର, : କଳାହୀରା ତାଳଚେର ସହରରେ ଛତୁ ପଫୁଟିଲା ଭଳି ମାଳମାଳ ପୂଜାସାମଗ୍ରୀ ଦୋକାନ ଗଢ଼ି ଉଠିଛି । ଏହି ପୂଜାସାମଗ୍ରୀ ଦୋକାନ ଗୁଡ଼ିକରେ ଏବେ ନାମୀଦାମୀ ବ୍ରାଣ୍ଡ ଲଗାଇ ଭେଜାଲ ଧୂପକାଠି, ଘିଅ, ଝୁଣା, କର୍ପୁର, ଭାଷ୍କର, ସିନ୍ଦୁର, କଜଳ, ଚନ୍ଦନ ଓ ହୋମକାଠ ଇତ୍ୟାଦି ଯାହାକି ସ୍ୱାସ୍ଥ୍ୟପାଇଁ କ୍ଷତିକାରକ ସେଗୁଡ଼ିକ ପୂଜାସାମଗ୍ରୀ ବିକି ଦୋକାନୀମାନେ ଅଳ୍ପ ଖର୍ଚ୍ଚରେ ଅଧିକ ମାଲ କମାଉଥିବା ଅଭିଯୋଗ ହେଉଛି । ପୁରୋହିତ ଜାଗଯଜ୍ଞରେ ବ୍ୟବହୃତ ଘିଅ ନିମ୍ନମାନର ହେଉଥିବାରୁ କଷ୍ଟ ଅନୁଭବ କରିବା ସହ ପରିବେଶ ଭଲ ହେବା ପରିବେର୍ତ ଏହା କ୍ଷତିକାରକ ସାଜିଛି ବୋଲି କିଛି ପୁରୋଧା ଏହା ପ୍ରକାଶ କରିଛନ୍ତି । ସେହିଭଳି ଚନ୍ଦନ ଓ ଧୂପକାଠି ମଧ



ସୁବାଷିତ ଗନ୍ଧ ପରିବର୍ତ୍ତେ ଏକ ଏହାର କୌଣସି ବାସ୍ନା ନଥିଲା ଭଳି ମନେ ହେଉଛି । ଯାହାକି ଚର୍ମପାଇଁ କ୍ଷତି ପଂହଚାଇ ପାରେ ବୋଲି ଚର୍ମ ବିଶେଷଜ୍ଞମାନେ ମତ ଦେଉଛନ୍ତି । ହୋମରେ ବ୍ୟବହୃତ କାଠ ଗୁଡ଼ିକ ଅନାବନା କାଠ ହୋଇଥିବାରୁ ସେଗୁଡ଼ିକ ହୋମ ଅନୁପଯୋଗୀ ହେଉଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଥାଏ । ଏହି ପୂଜାସାମଗ୍ରୀ ବିକି ଅସାଧୁ ବ୍ୟବସାୟୀମାନେ ମାଲାମାଲ ହେଉଥିବା ବେଳେ ଏଥିପ୍ରତି ସ୍ଥାନୀୟ ପ୍ରଶାସନର ଆଦୌ ଚିନ୍ତା ନଥିଲା ପରି ମନେହୁଏ । ସକାଳୁ ଉଠିଲେ ସେ ବଡ଼ବଡ଼ିଆ ଅଫିସର୍ ହେଉ କିମ୍ବା ସାଧାରଣ ମହିଳାଟିଏ ନିତ୍ୟକର୍ମସାରି ଠାକୁର ପୂଜାପାଇଁ ଏହି ଭେଜାଲ ଚନ୍ଦନ, ସିନ୍ଦୁର ଇତ୍ୟାତି ଅର୍ପଣକରି ଠାକୁରଙ୍କ ପାଖରେ ନିଜର ଦୁଃଖକୁ ଜଣାଇ ଥାଏ । ଏପରିକି, ପୂଜାସାମଗ୍ରୀ ଦୋକାନ ମିଳୁଥିବା ଭୋଗ, ମହୁ, ରାଶିଲଡୁ ଇତ୍ୟାଦି ମଧ ଭେଜାଲ ହେଉଥିବାରୁ ଭଗବାନ ତ ଭଗବାନ ମଣିଷ ମଧ ପାଟିରେଦେବା କୁଣ୍ଠାବୋଧ କରିଥାଏ । ତେଣୁ ଏହି ଭେଜାଲ ସାମଗ୍ରୀ ଯୋଗୁଁ ଲକ୍ଷଲକ୍ଷ ଭକ୍ତଙ୍କ ମନରେ ଆଘାତ ସୃଷ୍ଟି କରିଥିବା ବେଳେ ସମ୍ପୃକ୍ତ ଅଧିକାରୀମାନେ ଏହା କିପରି ଜାଣି ପାରୁନାହାନ୍ତି ତାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି । ତେବେ ସ୍ଥାନୀୟ ପ୍ରଶାସନ ଏହାକୁ ହୃଦୟଙ୍ଗମ କରି ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ସ୍ଥାନୀୟ ପ୍ରଶାସନ ଏଥିପ୍ରତି କେବେ ରୋକ ଲଗାଉଛି ତାହା ଦେଖିବାକୁ ବାକି ରହିଛି ।

# ଗ୍ରାମାଞ୍ଚଳରେ ବନବାସୀଙ୍କ ପାଇଁ ଚକ୍ଷୁ ପରୀକ୍ଷା ଶିବିର



କେନ୍ଦୁଝର ସଦର ବ୍ଲକର ମଇଦାନକେଲ ପଞ୍ଚାୟତର ହରିହରପୁର ଗ୍ରାମର ଅଙ୍ଗନଓ୍ୱାଡି ଠାରେ ଏକ ଦିବସୀୟ ଚକ୍ଷୁ ପରୀକ୍ଷା ଓ ମୋତିଆ ବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ଅଗ୍ରଣୀ ଅନୁଷ୍ଠାନ , କେନ୍ଦୁଝର ଉନ୍ନୟନ ଟ୍ରଷ୍ଟ,ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ ଓ ମା' ଭବାନୀ ସୟଂ ସହାୟକ ଗୋଷ୍ଠୀର ମିଳିତ ସହଯୋଗରେ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା । ମଇଦାନକେଲ ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ କଳ୍ପନା ମହାନ୍ତ ଅତିଥି ମାନଙ୍କୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରି ଶିବିରକୁ ସ୍ୱାଗତ କରିଥିଲେ । କେନ୍ଦୁଝର ଉନ୍ନୟନ ଟ୍ରଷ୍ଟର କୋଷାଧକ୍ଷ ଶ୍ରୀ ସଂଜୀବ ପାଇକରାୟଙ୍କ ମାର୍ଗ ଦର୍ଶନରେ ତଥା ବରିଷ୍ଠ ଗାନ୍ଧିକଥା ସଂଗଠକ ଶ୍ରୀ ଭକ୍ତ ବତ୍ସଳ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ କେରି, ମଇଦାନକେଲ, ହରିହରପୁର, ତାଳପଦା,ବାସୁଦେବପୁର, ଜଡ଼ିଖୁଣ୍ଟା ଗ୍ରାମରୁ ୭୮ ଜଣ ଜଙ୍ଗଲ ଭିତରେ ଥିବା ବରିଷ୍ଠ ବନବାସୀ ମାନଙ୍କର ପ୍ରାଥମିକ ଚକ୍ଷୁ ପରୀକ୍ଷା କରି ପ୍ରାଥମିକ ସେବା ଯୋଗାଇ ଦିଆଯାଇଛି ।ଭୂମିକା ଚକ୍ଷୁ ଚିକିତ୍ସାଳୟ ଉତ୍ତର ଓଡ଼ିଶା ଜୋନାଲ ମ୍ୟାନେଜର ଶ୍ରୀ କର୍ଣ୍ଣାଟ କିଶୋର ଜେନାଙ୍କ ନେତୃତ୍ୱରେ କ୍ଷେତ୍ରୀୟ ପରିଚାଳକ ଶ୍ରୀ ରୁଦ୍ର ନାରାୟଣ ଲୋହର,ବରିଷ୍ଠ ଅପ୍ଟମ ସାୟନ୍ ସୁନ୍ଦର ମାଇତି,ସ୍ୱାସ୍ଥ୍ୟ ସ୍ୱେଚ୍ଛିକା ଲକ୍ଷ୍ମୀ ବେହେରା, ବର୍ଷା ରାଣୀ ସାହୁ, କ୍ଷେତ୍ରୀୟ ସଂଗଠକ ଶ୍ରୀ ହିମାଂଶୁ ପକ୍ଷତ୍ର ଉକ୍ତ ଶିବିରରୁ ୧୯ ଜଣ ବରିଷ୍ଠ ବନବାସୀଙ୍କର ମୋତିଆ ବିନ୍ଦୁ ଚିହ୍ନଟ କରିଥିଲେ । ସେଥିରୁ ୧୧ ଜଣଙ୍କୁ ମୋବାଇଲ ଭ୍ୟାନ ଯୋଗେ ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଭୂମିକା ଚକ୍ଷୁ ଚକିତ୍ସାଳୟ କେନ୍ଦୁଝରକୁ ନେଇ ତାଙ୍କର ଅସ୍ତ୍ରୋପଚାର ନିମନ୍ତେ ପ୍ରେରଣା କରାଯାଇଛି । ହରିହରପୁର ଗ୍ରାମର ମା' ଭବାନୀ, ଜନ ମଙ୍ଗଳ ମା' ସନ୍ତୋଷୀ ସୟଂ ସହାୟକ ଗୋଷ୍ଠୀର ମହିଳାମାନେ ଓ ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ ର ସ୍ୱେଚ୍ଛାସେବୀ ମନୋଜ କୁମାର ମହାନ୍ତ, ସୁଶାନ୍ତ କୁମାର ମହାନ୍ତ, ଲକ୍ଷ୍ୟଧର ମହାନ୍ତ ଓ ସୁମନ ମହାନ୍ତ ପ୍ରମୁଖ ଶିବିରକୁ ରୋଗୀ ନେବା ଆଣିବାରେ ସହଯୋଗ କରିଥିଲେ ।

# ବରିଷ୍ଠ ନାଗରିକ ମଞ୍ଚ ର ବୈଠକ ଗୃହ ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ



ଖୋର୍ଦ୍ଧା,(ପି.ଏନ): ଖୋର୍ଦ୍ଧା ଶ୍ରୀରାମ ନଗରସ୍ଥିତ ବରିଷ୍ଠ ନାଗରିକ ମଞ୍ଚର ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠାନର ସଭାପତି ଦେବପ୍ରସାଦ ମଜୁମଦାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୩୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ବରିଷ୍ଠ ନାଗରିକ ମଞ୍ଚର ବୈଠକ ଗୃହକୁ ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ବରିଷ୍ଠ ନାଗରିକ ଯୋଗଦେଇଥିବା ବେଳେ ସେମାନଙ୍କର ବିଭିନ୍ନ ସକାରାତ୍ମକ କାର୍ଯ୍ୟକ୍ରମକୁ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ପ୍ରଶଂସା କରିବାସହିତ ଖୋର୍ଦ୍ଧା ସହରର ବିକାଶ ପାଇଁ ଆରମ୍ଭ କରାଯାଇଥିବା ବିଭନ୍ନ କାର୍ଯ୍ୟ ସମ୍ପର୍କ ରେ ସୂଚନା ଦେଇଥିଲେ କ୍ଷ ବିଶେଷ କରି ୧୫୭ କୋଟି ଟଙ୍କା ବ୍ୟୟ ଅଟକଳ ରେ ନୂତନ ବାଇପାସ୍ ରାସ୍ତା କାର୍ଯ୍ୟ ଆରମ୍ଭ, ଖୋର୍ଦ୍ଧା ସହରରେ ୯କୋଟି ଟଙ୍କା ବ୍ୟୟରେ ଏକ ଅଡିଟୋରିୟମରେ ପାଇଁ ଶିଳାନ୍ୟାସ, ସହରରୁ ସମସ୍ତ ଉଠା ଦୋକାନୀଙ୍କୁ ସ୍ଥାନାନ୍ତର କରାଯିବା ଭଳି ୨୨ଟି କାମ ହାତକୁ ନିଆଯାଇଥିବା ସମ୍ପର୍କ ରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ସୂଚନା ଦେଇଥିଲେ । ସେହିଭଳି ସହରର ମୁଖ୍ୟ ରାସ୍ତା ଗୁଡ଼ିକୁ ସୌନ୍ଦର୍ଯ୍ୟ କରଣ କରାଯିବ ବୋଲି ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ବିଧାୟକ ପ୍ରଶାନ୍ତ ଜଗଦେବ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ଭିମସେନ ପ୍ରଧାନ, ବିଧାନଚନ୍ଦ୍ର ମହାନ୍ତି, ସତ୍ୟବାଦୀ ବଳିୟାରସିଂହ, ପ୍ରଫୁଲ୍ଲ ସାମନ୍ତରାୟ, ବରିଷ୍ଠ ବିଜେପି ନେତା ନିକୁଞ୍ଜ କିଶୋର ପଟ୍ଟନାୟକ, କୁନିଲତା ସ୍ୱାଇଁ, ପ୍ରଫୁଲ୍ଲ ଦଳେଇ, ଦିଲ୍ଲିପ ହୋତା ପ୍ରମୁଖ ଉପସ୍ଥିତଥିଲେ କ୍ଷ

# ହାତୀ ଆକ୍ରମଣରେ ପୁଅ ମୃତ, ମା ଗୁରୁତର ଆହତ



ଖୋର୍ଦ୍ଧା-(ପି.ଏନ): ଖୋର୍ଦ୍ଧା ବନାଞ୍ଚଳ ଅଧିନସ୍ତ ନନ୍ଦପୁର ଗ୍ରାମପଞ୍ଚାୟତ ର ମହତପଲ୍ଲୀ ଠାରେ ସୋମବାର ଭୋର ସମୟରେ ଶୌଚ ପାଇଁ ଦିବ୍ୟାଙ୍ଗ ପୁଅ କୁ ନେଇ ମା ବାରିପଟ କୁ ଯାଇଥିବା ସମୟରେ ହାତୀପଲ ଙ୍କ ଆକ୍ରମଣ ରେ ସତ୍ୟ ରଞ୍ଜନ ମାର୍ଥା ( ୧୪ ) ଏବଂ ତାଙ୍କ ମା ସୁଲୋଚନା ମାର୍ଥା ଗୁରୁତର ଭାବରେ ଆହତ ହୋଇଥିଲେ କ୍ଷ ଗ୍ରାମବାସୀ ମାନେ ଉଭୟ ଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିବାବେଳେ ଡାକ୍ତର ଦିବ୍ୟାଙ୍ଗ ପୁଅକୁ ମୃତ ଘୋଷଣା କରିଥିଲେ ଏବଂ ମା ସୁଲୋଚନା ଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଏମ୍ସ ଭୁବନେଶ୍ୱର କୁ ସ୍ଥାନାନ୍ତର ନିମନ୍ତେ ପରାମର୍ଶ ଦେଇଥିଲେ କ୍ଷ ଖୋର୍ଦ୍ଧା ସଦର ଥାନା ପୁଲିସ ମୃତ ଦେହ ଟିକୁ ଜବତ କରି ଶବ ବ୍ୟବଛେଦ ନିମନ୍ତେ ପଠାଇଛି କ୍ଷ ଏସମ୍ପର୍କ ରେ ଖବର ପାଇ ଖୋର୍ଦ୍ଧା ବନାଞ୍ଚଳ ଅଧିକାରୀ ଜୟ କୃଷ୍ଣ ପଣ୍ଡା, ଖୋର୍ଦ୍ଧା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରକାଶ କୁମାର ସାମନ୍ତରାୟ, ନନ୍ଦପୁର ସରପଞ୍ଚ ବିପ୍ଳବ କେଶରୀ ବଳିୟାରସିଂହ ଙ୍କ ସମେତ ଗ୍ରାମବାସୀ ମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ପହଞ୍ଚିଥିଲେ କ୍ଷ ଖୋର୍ଦ୍ଧା ବନାଞ୍ଚଳ ଅଧିକାରୀ ଶ୍ରୀଯୁକ୍ତ ପଣ୍ଡା ଙ୍କ କହିବା ଅନୁଯାୟୀ, ଖୋର୍ଦ୍ଧା ବନାଞ୍ଚଳ ମଧ୍ୟରେ ୨୦ ଜଣିଆ ହାତୀପଲ ରହୁଛନ୍ତି କ୍ଷ ବର୍ତ୍ତମାନ ଧାନ ଅମଳ ସମୟ ହୋଇଥିବାରୁ ହାତୀପଲ ଗାଁ ମୁହାଁ ହେଉଛନ୍ତି କ୍ଷ ସେଥିପାଇଁ ବନ ବିଭାଗ ର ଦୁଇଟି ଟିମ ହାତୀଙ୍କୁ ଜଗି ରହିଛନ୍ତି କ୍ଷ ହାତୀ ପଲ ର ଗତିବିଧି ଦେଖି ସ୍ଥାନୀୟ ଲୋକଙ୍କୁ ଆଗୁଆ ସୂଚନା ଦିଆଯାଉଛି କ୍ଷ ହାତୀ ଙ୍କ ଆକ୍ରମଣ ରୁ ମଣିଷ କୁ ରକ୍ଷା କରିବା ପାଇଁ ବନ ବିଭାଗ ପକ୍ଷରୁ ସବୁ ପ୍ରକାର ଚେଷ୍ଟା କରାଯାଉଥିବା ନେଇ ପ୍ରକାଶ କରିବା ସହିତ, ମୃତ ଓ ଆହତ ଙ୍କୁ ବନ ବିଭାଗ ପକ୍ଷରୁ ଉପଯୁକ୍ତ କ୍ଷତିପୂରଣ ଦିଆଯିବବୋଲି ସେ କହିଥିଲେ ।

# ପାଲଲହଡା ବିଧାୟକ ଅଶୋକ ମହାନ୍ତି ଆଜି ପାଲଲହଡାର ବିଭିନ୍ନ କାର୍ଯ୍ୟକ୍ରମ



ପାଲଲହଡା (ପି.ଏନ): ପାଲଲହଡା ଉପଖଣ୍ଡ ଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ ପାଲଲହଡା ବିଧାୟକ ଅଶୋକ ମହାନ୍ତି ।ସ୍ଥାନୀୟ ଶରତଚନ୍ଦ୍ର କ୍ଲବ ଠାରେ ଆଜି ରାଜ୍ୟ ସରକାର ଘୋଷଣା କରିଥିବା ୮୦ ବର୍ଷରୁ ଉର୍ଦ୍ଧ ଓ ୮୦ ପ୍ରତିଶତ ଭିର୍ନକ୍ଷମଙ୍କୁ ବର୍ଦ୍ଧିତ ଭତା ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଲଲହଡା ବିଧାୟକ ଅଶୋକ ମହାନ୍ତିଙ୍କ ଯୋଗ ଦେଇ ସମସ୍ତ ହିତାଧିକାରୀଙ୍କୁ ଭତା ପ୍ରଦାନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ପାଲଲହଡା ଉପଜିଲ୍ଲାପାଳସୁଶାନ୍ତ କୁମାର ପତି , ଗୋଷ୍ଠୀ ଉର୍ନ୍ନୟନ ଅଧିକାରୀ ନିଶାନମିଶ୍ର ଓ ସମସ୍ତ ପଞ୍ଚାୟତ କର୍ମଚାରୀ ଉପସ୍ଥିତ ଥିଲେ । ପୂର୍ବରୁ ମାସକୁ ୧୨୦୦ ଟଙ୍କା ହିତାଧିକାରୀ ପାଉଥିଲେ,କିନ୍ତୁ ସରକାର ପରିବର୍ତନ ହେବା ପରେ ଏବେ ଏହା ୩୫୦୦ ଟଙ୍କା କୁ ବୃଦ୍ଧି କରାଯାଇଛି । ଯାହା ଫଳରେ ହିତାଧିକାରୀ ଏଥିରୁ ଉପକୃତ ହେବେ ବୋଲି ପ୍ରକାଶ କରିଛନ୍ତି ।ପାଲଲହଡା ବ୍ଲକରୁ ବିଭିନ୍ନ ପଞ୍ଚାୟତରୁ ପାଖାପାଖି ୧୫୦୦ ରୁ ଉର୍ଦ୍ଧ ହିତାଧିକାରୀ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ । ସେହିପରି ପାଲଲହଡା ଉପଖଣ୍ଡ ଠାରେ ପ୍ରଧାନମନ୍ତ୍ରୀ ଜନ ଔଷଧି ବିତରଣ କେନ୍ଦ୍ରର ଶୁଭାରମ୍ଭ କରିଥିଲେ ।ଏହି କାର୍ଯ୍ୟକ୍ରମ କୁ ପାଲଲହଡା ବିଧାୟକ ଉଦଘାଟନ କରିଥିଲେ ।ଏହି ଔଷଧ କେନ୍ଦ୍ର ହେବା ଫଳରେ ସାଧାରଣ ଗରିବ ଲୋକଟିଏ ମଧ ପ୍ରାୟ ୯୦ ପ୍ରତିଶତ ରିହାତି ଦର ରେ ଦାମୀ ଔଷଧ ଗୁଡ଼ିକୁ ସହଜରେ କିଣି ପାରିବେ ।

# ପାଲଲହଡାରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ପାଲଲହଡା ,(ପି.ଏନ): ପାଲଲହଡା ଉପଖଣ୍ଡ ଠାରେ ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ସୋମବାର ଦିନ ପାଲଲହଡା ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସଭାଗୃହ ଠାରେ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଉଦୟ ନାଥ



ମହାପାତ୍ର ଉପସ୍ଥିତ ରହି ଆଜି ଅଧକ୍ଷତା କରିଥିଲେ । ଏହି ଶିବିରରେ ସମୁଦାୟ ୩୭ ଗୋଟି ଅଭିଯୋଗ ଶୁଣାଣି କରାଯାଇଥିଲା । ଏହି ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ଭାବେ ୩୦ ଗୋଟି ମାମଲା ଓ ସାମୁହିକ ଭାବେ ସାତ ଗୋଟି ମାମଲା ଶୁଣାଣି କରାଯାଇଥିଲା । ଉପରୋକ୍ତ ମାମଲା ମଧ୍ୟରୁ ଗୋଟିଏ ଅଭିଯୋଗ ତତକ୍ଷଣାତ ସମାଧାନ କରାଯାଇଥିଲା ।

# ଆଜି ଭୁବନେଶ୍ୱର କଂଗ୍ରେସ୍ କମିଟି ପକ୍ଷରୁ ଯୁବ ଅସନ୍ତୋଷ ସମାବେଶ ଅନୁଷ୍ଠିତ

ଭୁବନେଶ୍ୱର : ପ୍ରତ୍ୟେକ ଅନ୍ୟାୟ ଏବଂ ଅତ୍ୟାଚାର ର ବିରୋଧରେ, ସଂଘର୍ଷ ହିଁ ଆମର ନାରା କହିଛନ୍ତି କଂଗ୍ରେସ୍ କମିଟି ର ଯୁବକ ମାନେ, ଭାଜପା ସରକାର ବିରୋଧରେ ଆଜି ମୁଖ୍ୟମନ୍ତ୍ରୀ ନିବାସ ଘେରାଉ କରିବାକୁ ପ୍ରସ୍ତୁତ ହଜାରହଜାର ଯୁବ ଉପସ୍ଥିତ ଥିଲେ, ବିଜେପି ସରକାର ବିରୁଦ୍ଧ ରେ ଦର ଧାମ ବୃଦ୍ଧି କୁ ନେଇ ମଧ



ପ୍ରତିବାଦ କରଯାଇଛି । ପ୍ରତ୍ୟେକ ଅନ୍ୟାୟ ଏବଂ ଅତ୍ୟାଚାର ର ବିରୋଧରେ, ସଂଘର୍ଷ ହିଁ ଆମର ନାରା କହିଛନ୍ତି କଂଗ୍ରେସ୍ କମିଟି ର ଯୁବକ ମାନେ, ଭାଜପା ସରକାର ବିରୋଧରେ ଆଜି ମୁଖ୍ୟମନ୍ତ୍ରୀ ନିବାସ ଘେରାଉ କରିବାକୁ ପ୍ରସ୍ତୁତ ହଜାରହଜାର ଯୁବ ଉପସ୍ଥିତ ଥିଲେ, ବିଜେପି ସରକାର ବିରୁଦ୍ଧ ରେ ଦର ଧାମ ବୃଦ୍ଧି କୁ ନେଇ ମଧ ପ୍ରତିବାଦ କରଯାଇଛି ।



# ମୋ ଓଡ଼ିଶା

## ଭ୍ରମଣ ସାହିତ୍ୟର ଜନକ: ରହୁଲ ସାଂକୃତ୍ୟାୟନ



ରହୁଲ ସାଂକୃତ୍ୟାୟନ ଥିଲେ ଜଣେ ବିଶିଷ୍ଟ ହିନ୍ଦୀ ସାହିତ୍ୟକାର। ତାଙ୍କୁ ମହାପଣ୍ଡିତ ଉପାଧିରେ ସମ୍ବୋଧନ କରାଯାଇ ଥାଏ। ସେ ଜଣେ ପ୍ରତିଷ୍ଠିତ ବହୁଭାଷାବିତ୍ ଥିଲେ। ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ସେ ଭ୍ରମଣ କାହାଣୀ ତଥା ବିଶ୍ୱ ଦର୍ଶନ କ୍ଷେତ୍ରରେ ଲେଖନୀ ଚାଳନା କରି ବିଶେଷ ପ୍ରସିଦ୍ଧି ହାସଲ କରିପାରିଥିଲେ। ତାଙ୍କୁ ହିନ୍ଦୀ ଭ୍ରମଣ ସାହିତ୍ୟର ଜନକ ବୋଲି କୁହାଯାଇ ଥାଏ। ସେ ବୌଦ୍ଧ ଧର୍ମ ଉପରେ ଗବେଷଣା କରିଥିଲେ। ତିବ୍ବତ୍‌ଠାରୁ ଶ୍ରୀଲଙ୍କା ପର୍ଯ୍ୟନ୍ତ ଭ୍ରମଣ କରିଥିଲେ। ଏହାଛଡ଼ା ସେ ମଧ୍ୟ ଏସିଆ ମଧ୍ୟ ଭ୍ରମଣ କରିଥିଲେ। ଭ୍ରମଣ କରିଥିବା ସ୍ଥାନରୁ ସେ ଅତି ଦୁର୍ଲ୍ଲଭ ଗ୍ରନ୍ଥ ସଂଗ୍ରହ କରିଥିଲେ। ସେହିସବୁ ଗ୍ରନ୍ଥ ଉପରେ ଗବେଷଣା କରି ସେ ବହୁ ଉପାଦେୟ ପୁସ୍ତକ ରଚନା କରିଯାଇଛନ୍ତି। ସେ ଅନେକ ଭ୍ରମଣ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଜୀବନୀ ଲେଖିଯାଇଛନ୍ତି। ସେ ସାମ୍ୟବାଦୀ ଚିନ୍ତାଧାରା ଦ୍ୱାରା ଅନୁପ୍ରାଣୀତ ଥିଲେ। ସେଥିପାଇଁ ସେ ଲେନିନ୍, ଷ୍ଟାଲିନ୍, କାର୍ଲମାର୍କସ୍, ମାଓ ସେ ତୁଙ୍ଗଙ୍କ ଭଳି ବାମପନ୍ଥୀ ଦାର୍ଶନିକ ଜୀବନୀ ଲେଖିଥିଲେ। ସାଂକୃତୟନଙ୍କ ସ୍ମୃତିରେ ଭାରତର ସରକାରଙ୍କ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ ପକ୍ଷରୁ ଭ୍ରମଣ ସାହିତ୍ୟକୁ ପ୍ରୋତ୍ସାହନ ଦେବା ଲାଗି ରାହୁଲ ସାଂକୃତାୟନ ଜାତୀୟ ପୁରସ୍କାର ଏବଂ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଭ୍ରମଣ ଗବେଷଣା କ୍ଷେତ୍ରକୁ ଅବଦାନ ପାଇଁ ମହାପଣ୍ଡିତ ରହୁଲ ସାଂକୃତାୟନ ୧୮୯୩ ମସିହା ଏପ୍ରିଲ ୯ ତାରିଖରେ ଉତ୍ତର ପ୍ରଦେଶର ଆଜମଗଡ଼ ଅନ୍ତର୍ଗତ ପାଣ୍ଡହା ଗ୍ରାମରେ ଜନ୍ମ ନେଇଥିଲେ।



**ବାଦଲ ଭୂୟାଁ**, ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨, E-mail : badal009bhuyan@gmail.com

## ବିଷ ବଳୟରେ ୯୦% ଭାରତୀୟ

### —ଅଧିକ ସଂକ୍ରମିତ ହେବେ ଶିଶୁ—



ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅନୁଷ୍ଠିତ ହୋଇଯାଇଛି। କୁହାଯାଏ ଆମ ସମୟରେ ପିଲାମାନେ ହେଉଛନ୍ତି ଅମୃତର ସନ୍ତାନ ଓ ଭଗବାନଙ୍କ ଦିବ୍ୟ ପ୍ରତୀକ। ଆସନ୍ତୁ ଗୋଟିଏ ଛୋଟିଆ କଥା ଚିନ୍ତା କରିବା। ପୃଥିବୀକୁ ଘେରି ରହିଥିବା ନୀଳ ଆକାଶ ଆଗଭଳି ଆଉ ନିର୍ମଳ ନାହିଁ। ବିଷାକ୍ତ ବାୟୁରେ ଏହା ଭରପୁର। ଶ୍ୱାସକ୍ରିୟାରେ ବିଶ୍ୱବାସୀ ଅମ୍ଳଜାନ ସହିତ ପୁଳା ପୁଳା ବିଷ ଶୋଷି ଚାଲିଛନ୍ତତି। ବିଶ୍ୱର ପ୍ରାୟ ୯୯% ଲୋକ ବିଷାକ୍ତ ବାୟୁରେ ଶ୍ୱାସକ୍ରିୟା କରି ନିଜ ପାଇଁ ସାଙ୍ଘାତିକ ବିପଦ ସୃଷ୍ଟି କରୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ସଦ୍ୟ ରିପୋର୍ଟରୁ ଏହି ଚିତ୍ର ମିଳିଛି। ଭାରତର ପ୍ରାୟ ୯୦% ଲୋକ ବିଷାକ୍ତ ବାୟୁ ଘେରରେ ଥିବା ରିପୋର୍ଟ କହୁଛି। ବିଶ୍ୱର ୯୯% ବା ପାଖାପାଖି ୭୯୭ କୋଟି ଲୋକ ଶ୍ୱାସକ୍ରିୟା ସମୟରେ ନାଇଟ୍ରୋଜେନ ଡାଇଅକ୍ସାଇଡ଼ ଏବଂ ଅତି ସୂକ୍ଷ୍ମ ଅନିଷ୍ଟକାରୀ କଣିକା ଶୋଷୁଛନ୍ତି। ବାୟୁରେ ଥିବା ପାର୍ଟିକୁଲେଟ ମ୍ୟାଟର ବା ପିଏମ୍ (ଅତି ସୂକ୍ଷ୍ମ କଠିନ କଣିକା ଓ ତରଳ ବୁନ୍ଦା ଯେଉଁଥିରେ ଧୂଳି, ମଇଳା, ଧୂଆଁ ଆଦି ମିଶ୍ରିତ ହୋଇଥାଏ)। ଫୁସଫୁସ ପାଇଁ ବିଷଠାରୁ କିଛି କମ ନୁହେଁ। ତାହାଠାରୁ କମ ପିଏମ୍୧୦ ଏବଂ ୨.୫ ମାଇକ୍ରୋମିଟର ବା ତାହାଠାରୁ କମ (ପିଏମ୍୨.୫)। ଡବ୍ଲ୍ୟୁଏଚଓ ମୁତାବକ ପିଏମ୍୨.୫ର କଣିକା ଫୁସଫୁସ ମଧ୍ୟରେ ପ୍ରବେଶ କରି ରକ୍ତ ସହିତ ମିଶି ପ୍ରବାହିତ ହୋଇପାରିବ। ଏହାଦ୍ୱାରା ହୃଦରୋଗ ସମସ୍ୟା ସୃଷ୍ଟି ହୋଇପାରେ। ଆହୁରି ମଧ୍ୟ ମସ୍ତିଷ୍କାଘାତ, ଫୁସଫୁସ ରୋଗ, କ୍ୟାନସର ଓ ନିମୋନିଆର କାରଣ ମଧ୍ୟ ସାଜିପାରେ। ଲାନସେଟ ପତ୍ରିକାରେ ପ୍ରକାଶିତ ରିପୋର୍ଟ ଅନୁସାରେ ବାୟୁରେ ବଢୁଥିବା ନାଇଟ୍ରୋଜେନ ଡାଇଅକ୍ସାଇଡ଼ ମାତ୍ରା ପିଲାମାନଙ୍କ ଠାରେ ଆଜମା ରୋକ ବୃଦ୍ଧି କରିପାରେ। ଏହା ଯୋଗୁଁ ପ୍ରତିବର୍ଷ ୮.୫% ନୂଆ ଆଜମା ମାମଲା ସୃଷ୍ଟି ହେଉଛି। ପ୍ରତିବର୍ଷ ୪୨ ଲକ୍ଷ ଲୋକ ବାହ୍ୟ ବାୟୁ ପ୍ରଦୂଷଣ ସଂସ୍ପର୍ଶରେ ଆସି ପ୍ରାଣ ହରାଉଛନ୍ତି। ସେହିଭଳି ୩୮ ଲକ୍ଷ ଘର ମଧ୍ୟରେ ସୃଷ୍ଟି ପ୍ରଦୂଷଣ ଯୋଗୁଁ ପ୍ରାଣ କରାଉଛନ୍ତି। ମଇଳା ଚୁଲା ଏବଂ ବିଷାକ୍ତ ଇନ୍ଧନ ଯୋଗୁଁ ଘର ମଧ୍ୟରେ ପ୍ରଦୂଷଣ ବଢୁଛି। ଅର୍ଥାତ୍ ବର୍ଷକୁ ୮୦ ଲକ୍ଷ ଲୋକ ବାୟୁ ପ୍ରଦୂଷଣ ଯୋଗୁ ମରୁଛନ୍ତି। ବାୟୁ ପ୍ରଦୂଷଣର ପ୍ରତିକାର ପାଇଁ ଏବେ ଅଧିକାଂଶ ଦେଶ ନିଜ ଆଡୁ ଚେଷ୍ଟା କରୁଥିଲେ ହେଁ ତାହା ପର୍ଯ୍ୟାପ୍ତ ହେଉନାହିଁ। ବିଶ୍ୱର ୯୯ ପ୍ରତିଶତ ଲୋକ ପ୍ରଶ୍ୱାସରେ ଗ୍ରହଣ କରୁଛନ୍ତି ପ୍ରଦୂଷିତ ବାୟୁ। ମିଳୁନି ମୁକ୍ତ ଅମ୍ଳଜାନ। ଗ୍ରହଣ କରୁଥିବା ଏହି ବାୟୁର ପ୍ରଦୂଷଣ ସ୍ତର ଯଥେଷ୍ଟ ଅଧିକ। ଏହା ଲୋକଙ୍କ ପାଇଁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ଏହି ସତର୍କ ସୂଚନା ଦେଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ। ଡବ୍ଲ୍ୟୁଏଚଓ ପକ୍ଷରୁ ଧାର୍ଯ୍ୟ ପ୍ରଦୂଷଣ ସ୍ତର ଠାରୁ ଏହି ବାୟୁର ମାନ ଅଧିକ ଖରାପ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପୂର୍ବରୁ ଡବ୍ଲ୍ୟୁଏଚଓ ପକ୍ଷରୁ ବାୟୁ ମାନ ସମ୍ପର୍କରେ ପ୍ରକାଶିତ ସଦ୍ୟ ତଥ୍ୟରେ ବାର୍ଷିକ ହାରାହାରି ଭିତ୍ତିରେ ବାୟୁ ମଣ୍ଡଳରେ ମିଶୁଥିବା ଯବକ୍ଷାରଜାନ ଡାଇଅକ୍ସାଇଡ଼ ସମ୍ପର୍କିତ ସୂଚନା ସ୍ଥାନ ପାଇଛି। ଯାହା ସହରାଞ୍ଚଳ ପ୍ରଦୂଷଣ କ୍ଷେତ୍ରରେ ସର୍ବତ୍ର ପରିଲକ୍ଷିତ ହେଉଛି। ଏହି କାରଣରୁ ବାୟୁରେ ପାର୍ଟିକୁଲେଟ ମ୍ୟାଟର ଏବଂ ଓଜୋନର ଉପସ୍ଥିତି ବୃଦ୍ଧି ପାଉଛି। ପିଲାମାନଙ୍କୁ ଘର ଭିତରେ ଆବଦ୍ଧ କରି ରଖନ୍ତୁ ନାହିଁ ସେମାନଙ୍କ ପାଇଁ ସମୟ କାଢ଼ନ୍ତୁ କିନ୍ତୁ କରୋନା ସଂକ୍ରମଣର ଲହର ଯେହେତୁ କମି ନାହିଁ ପିଲାମାନଙ୍କୁ ମାକ୍ସ ପିନ୍ଧିବା ସହିତ ସାମାଜିକ ଦୂରତା ଓ ସାନିଟାଇଜର ବ୍ୟବହାର ଶିଖାନ୍ତୁ। ଖରାଦିନ ହୋଇଥିବାରୁ ବିଶେଷକରି ପିଲାମାନଙ୍କୁ ପ୍ରଚୁର ପାଣି, ସୁଷମ ଖାଦ୍ୟ, ଫଳ ଦିଅନ୍ତୁ। ତଥାକଥିତ ଫାଷ୍ଟଫୁଡ୍ ଠାରୁ ଦୂରେଇ ରହିବା ବହୁତ ଭଲ କାରଣ ଏହି ପିଲାମାନଙ୍କ ସ୍ୱାସ୍ଥ୍ୟ ଆଗାମୀ ଭାରତର ଉଜ୍ୱଳ ଭବିଷ୍ୟତ ଓ ଆପଣଙ୍କ ମାନଙ୍କ ଅମୂଲ୍ୟ ବରଦାନ।

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**, ଶିଶୁରୋଗ ବିଭାଗ, ଶିଶୁଭବନ, କଟକ, ଦୂରଭାଷ : ୯୪୩୭୧୨୪୦୭୪

## ବରିଷ୍ଠ ନାଗରିକ ମଂଚର କାର୍ଯ୍ୟକାରିଣୀ ବୈଠକ

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ସହରରେ ବରିଷ୍ଠ ନାଗରିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଖୋର୍ଦ୍ଧା ବରିଷ୍ଠ ନାଗରିକ ମଂଚ କାର୍ଯ୍ୟକାରିଣୀ ସଦସ୍ୟମାନଙ୍କର ଏକ ବୈଠକ ସଭାପତି ସତ୍ୟବାଦୀ ବଳିଆରସିଂହଙ୍କ ଅଧ୍ୟକ୍ଷତାରେ ବିଜେବି ନଗର ଗାୟତ୍ରୀ ଶକ୍ତିପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମି ଉନ୍ନତ ମାନର ହୋଇଥିଲେ ମଧ୍ୟ ବରିଷ୍ଠ ନାଗରିକ ତଥା ସାଧାରଣ ଜନତାଙ୍କର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବହୁ ତ୍ରୁଟି ବିଚ୍ୟୁତି ରହୁଥିବା ହେତୁ ଏ ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଏଥିପାଇଁ ଏକ ତିନିଜଣିଆ କମିଟି ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ବାସ୍ତବ ଚିତ୍ର ସାମ୍ନାକୁ ଆଣି ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ବରିଷ୍ଠ ନାଗରିକମାନଙ୍କୁ ଖୋର୍ଦ୍ଧା ଆଦର୍ଶ ଥାନା ପକ୍ଷର ପରିଚୟ ପତ୍ର ପ୍ରଦାନ କରାଯିବା ସହ ଆସନ୍ତା ଏପ୍ରିଲ ୧୬ ତାରିଖରେ ସାଧାରଣ ସଭା କରାଯିବା ପାଇଁ ସ୍ଥିର ହୋଇଥିଲା। ସୁସ୍ଥ ସାମାଜିକ ଜୀବନଯାପନରେ ବ୍ରତୀ ଥିବା ଆଦର୍ଶ ପରିବାରକୁ ସମ୍ବର୍ଦ୍ଧିତ କରାଯିବ ବୋଲି ସଂପାଦକ ରାମଶଙ୍କର ସୂଚନା ଦେଇଥିଲେ। ନବନିର୍ବାଚିତ ପୌରାଧ୍ୟକ୍ଷା କନକଲତା ମହାନ୍ତି ତଥା ସମସ୍ତ ୱାର୍ଡର କାଉନସିଲରଙ୍କୁ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ ସହ ସହରର ସର୍ବାଙ୍ଗୀନ ବିକାଶ ପାଇଁ ଦଳ, ମତ ନିର୍ବିଶେଷରେ ଉଦ୍ୟମ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ବୈଠକରେ ଉପଦେଷ୍ଟା ବୈକୁଣ୍ଠନାଥ ରାଜଗୁରୁ, ଆଇନଜୀବୀ ବିଚିତ୍ର କୁମାର ବଡ଼ଜେନା, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ସହ-ସଂପାଦକ ବସନ୍ତ କୁମାର ଦାଶ, କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ମହାରଣା, ନାରାୟଣ ଦାସ, କୃଷ୍ଣଚନ୍ଦ୍ର ହରିଚନ୍ଦନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## କ୍ରାନ୍ତିକାରୀ ଶିକ୍ଷକ ନେତା ଅର୍ଜୁନ ଚରଣ ଦାଶ



ବ୍ୟକ୍ତି ସମକାଳର। ବ୍ୟକ୍ତିତ୍ୱ ଚିରକାଳର। ଆଦର୍ଶ ବ୍ୟକ୍ତିତ୍ୱର ମହକ ବିଚ୍ଛୁରିତ ହୋଇପଡେ ସମାଜରୁ ରାଷ୍ଟ୍ରକୁ। ସେହିପରି ଜଣେ କାଳଜୟୀ ବ୍ୟକ୍ତିତ୍ୱ ଥିଲେ କ୍ରାନ୍ତିକାରୀ ଶିକ୍ଷକ ନେତା ଅର୍ଜୁନ ଚରଣ ଦାସ । ୨୦୧୩ ମସିହା ଏପ୍ରିଲ୍ ମାସ ୫ ତାରିଖରେ ତାଙ୍କର ଦେହାବସାନ ଘଟିଲା। ତାଙ୍କ ବିୟୋଗରେ ଗୋଟିଏ ଯୁଗର ଅବସାନ ହୋଇଗଲା । ଶିକ୍ଷକ ମହାସଂଘ ପରିବାରର ସେ ଥିଲେ ଜ୍ୟେଷ୍ଠ, ମୁରବୀ ଓ ମହାସାରଥୀ । -ଯେଉଁ ଯୁଗ ଥିଲା ଦାବି ହାସଲ ପାଇଁ ବେସାଲିସ୍ ସଂଗ୍ରାମର ତଥା ନିର୍ବିବାଦୀୟ ନିଷ୍ଠାର ଓ ସଂଗଠନ ପ୍ରତି ଅବିଚଳିତ ଆନୁଗତ୍ୟର ଯୁଗ ।

ଏହି କ୍ରାନ୍ତିକାରୀ ଶିକ୍ଷକ ନେତା ୧୯୩୦ମସିହା ଏପ୍ରିଲ ମାସ ୩ତାରିଖରେ ଅବିଭକ୍ତ କଟକ ଜିଲ୍ଲା ଓ ବର୍ତ୍ତମାନର ଜଗତସିଂହପୁର ଜିଲ୍ଲାର ଗୋପାଳପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଗୁଣନିଧି ଦାଶ ଓ ମାତାଙ୍କ ନାମ ଥିଲା ମାଗୁଣି ଦେବୀ । ବାଲ୍ୟକାଳରୁ ଲେଖାଲେଖି ପ୍ରତି ତାଙ୍କର ଗଭୀର ଆସକ୍ତି ଥିଲା । ଥରେ ସେ କୌଣସି ଲେଖା ଲେଖି ବସିଲେ ତାହା ନସରିବା ପର୍ଯ୍ୟନ୍ତ ସେଠାରୁ ସେ ଉଠୁ ନଥିଲେ । ଏହି ଅଭ୍ୟାସ ଓ ପ୍ରଚେଷ୍ଟା ହିଁ ତାଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ଜଣେ ସ୍ୱନାମଧନ୍ୟ ଲେଖକ ହେବାରେ ସହାୟକ ହୋଇଥିଲା । ଯାହାର ଫଳ ସ୍ୱରୂପ ସେ ଅନେକ ଗୁଡିଏ ନାଟକ ରଚନା କରି ନିଜକୁ ଜଣେ ସଫଳ ନାଟ୍ୟକାର ରୂପେ ପ୍ରତିଷ୍ଠିତ କରିପାରିଥିଲେ ।



ଅର୍ଜୁନ ଚରଣ ଦାଶ ଏକାଧାରରେ ଥିଲେ ଜଣେ ସ୍ୱନାମଧନ୍ୟ ଶିକ୍ଷକ,ଉଚ୍ଚକୋଟୀର ବାଗ୍ମୀ,ଦକ୍ଷ ସଂଗଠକ ତଥା ରାଜ୍ୟର ଜଣେ ଅଦ୍ୱିତୀୟ ଶିକ୍ଷକନେତା । ଜୀବନ ସଂଗ୍ରାମରେ ସେ କେବେ ଭାଙ୍ଗି ପଡିନଥିଲେ । ଶିକ୍ଷକ ମାନଙ୍କର ଜୀବନ ଜୀବିକା ସମସ୍ୟାର ସମାଧାନ ତାଙ୍କ ଜୀବନର ମୂଳମନ୍ତ୍ର ଥିଲା । ଥରେ ସେ ଯାହା ଚିନ୍ତା କରୁଥିଲେ ତାହା କାମରେ କରି ଦେଖାଉଥିଲେ,ଏହାହିଁ ଥିଲା ତାଙ୍କର ବିଶେଷତ୍ୱ । ଓଡିଶାର ଶିକ୍ଷକ ସମାଜ ଦୁଃଖରେ ନରୁହନ୍ତୁ, ସେମାନଙ୍କର ସମସ୍ୟାର ସମାଧାନ ହେଉ,ଓଡିଶାରେ ଶିକ୍ଷାର ବିକାଶ ହେଉ ଏହାହିଁ ଥିଲା ତାଙ୍କର ଅନବରତ ଚିନ୍ତା। ଏଥିପାଇଁ ସେ ନିଜ ଜୀବନକୁ ଶିକ୍ଷକ ସମାଜର ଉନ୍ନତ୍ତି ନିମନ୍ତେ ଉତ୍ସର୍ଗ କରିଥିଲେ ।

ସଂଗଠନ କ୍ଷେତ୍ରରେ ଅର୍ଜୁନ ଚରଣ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ତିର୍ତ୍ତୋଲ ବ୍ଲକର ସଂମ୍ପାଦକ,ଜିଲ୍ଲା ସଂମ୍ପାଦକ ଭାବେ କାର୍ଯ୍ୟକରି ସେ ନିଜର ସାଂଗଠନିକ ଦକ୍ଷତାର ପ୍ରମାଣ ଦେଇଥିଲେ। ଆଉ ତା'ପରର ଘଟଣା ଥିଲା ସ୍ୱର୍ଣ୍ଣାଭ ଇତିହାସ । ପରବର୍ତ୍ତୀ ପର୍ଯ୍ୟାୟରେ ସେ ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକସଂଘ ଉପ-ସଭାପତି ଓ ୧୯୯୦ ରୁ ୧୯୯୮ପର୍ଯ୍ୟନ୍ତ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସଭାପତି ଭାବେ କାର୍ଯ୍ୟକରି ସେ କେବଳ ଜଗତସିଂହପୁର ଜିଲ୍ଲା ନୁହେଁ ସମଗ୍ର ରାଜ୍ୟରେ ଶିକ୍ଷକ ସଂଗଠନକୁ ଶକ୍ତିଶାଳୀ କରିବା ସହ ଶିକ୍ଷକ,ଅଧ୍ୟାପକ ଓ କର୍ମଚାରୀ ମାନଙ୍କର ଅନୁଦାନ ଓ ଚାକିରୀ ସର୍ତ୍ତାବଳୀ ପ୍ରମୁଖ ସମସ୍ୟା ସମାଧନରେ ନିର୍ଣ୍ଣାୟକ ଭୂମିକା ନେଇଥିଲେ । ଶିକ୍ଷକ ଗୌରବ ସ୍ୱର୍ଗତଃ ବନମାଳୀ ବ୍ରହ୍ମଚାରୀ, ସ୍ୱର୍ଗତ କୈଳାସ ମହାପାତ୍ର, ପ୍ରଫେସର ଅବନୀ ବରାଳ, ପ୍ରଫେସର ଭଗବାନ ଜେନା ଓ ଆହୁରି ଅନେକ ଶିକ୍ଷକ ନେତାଙ୍କ ସହ ସାମିଲ ହୋଇ ଶିକ୍ଷକମାନଙ୍କୁ ଚାକିରୀ ସର୍ତ୍ତାବଳୀ ପ୍ରଦାନ, ପ୍ରତ୍ୟକ୍ଷ ଅନୁଦାନ ସୁବିଧା, ପେନ୍‌ସନ୍ ପ୍ରଦାନ,ଅଧ୍ୟାପକ ମାନଙ୍କୁ ୟୁ.ଜି.ସି ବେତନ ପ୍ରଦାନ ଆଦି ସୁବିଧା-ସୁଯୋଗ ମିଳିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା । ଏକଥା ଯେ କେହି ମୁକ୍ତକଣ୍ଠରେ ସ୍ୱୀକାର କରିବେ ।

ଜଣେ ସଫଳ,ଦକ୍ଷ ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ଅର୍ଜୁନ ଦାଶଙ୍କର ନିଆରା ପରିଚୟ ଥିଲା । ପ୍ରଥମେ ଭୁବନେଶ୍ୱର ଚନ୍ଦକା ହାଇସ୍କୁଲରୁ ଶିକ୍ଷକତା ଆରମ୍ଭ କରି ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ ସେ । ପରେ କସର୍ଦ୍ଧାର କୁଳଶ୍ରୀ ମାଇନର ସ୍କୁଲ ଏବଂ ତାପରେ ନିଜ ଗାଁ ଗୋପାଳପୁରରେ ଥିବା ବଟମଙ୍ଗଳା ବିଦ୍ୟାପୀଠରେ ମଙ୍ଗଧରି ୧୯୮୮ରେ ଅବସର ନେବା ପର୍ଯ୍ୟନ୍ତ ଜଣେ କୃତୀ ଶିକ୍ଷକ ଭାବେ ସେ ଯେଉଁ ଛାପ ଛାଡିଯାଇଛନ୍ତି ତାହା ଏବେବି ଅନେକଙ୍କ ପାଇଁ ଉଦାହରଣ ହୋଇ ରହିବ । ବାସ୍ତବରେ ତାଙ୍କର ଶିକ୍ଷାଦାନ ଶୈଳୀ ଥିଲା ଅନନ୍ୟ ଓ ଅସାଧାରଣ । କୁନି କୁନି ପିଲାମାନଙ୍କୁ କୋଳେଇ ନେଇ,ତାଙ୍କ ମନକୁ ମନେଇ, ପାଠ ପଢେଇବାର ଭିନ୍ନ ଭିନ୍ନ କୌଶଳ ଆପଣେଇବାରେ ସେ ବେଶ୍ ସିଦ୍ଧହସ୍ତ ଥିଲେ । ତାଙ୍କ ହାତଗଢା ଅନେକ ବିଦ୍ୟାର୍ଥୀ ଆଜି ସମାଜର ବିଭିନ୍ନ ସ୍ତରରେ ପ୍ରତିଷ୍ଠିତ କରିପାରିଛନ୍ତି ଏକଥା ସର୍ବଜନବିଦିତ । ଏଥି ସହିତ ଏ ଅଞ୍ଚଳରେ ଅନେକ ଶିକ୍ଷାନୁଷ୍ଠାନ ଗଢିବାରେ ତାଙ୍କର ଅବଦାନକୁ ଭୁଲି ହେବନାହିଁ । ଏବେବି ସଅଁରା ହାଇସ୍କୁଲ,ବଟମଙ୍ଗଳା ହାଇସ୍କୁଲ ମୁକସାକ୍ଷୀ ରୂପେ ତାଙ୍କର ଗୁଣଗାନ କରି ଦଣ୍ଡାୟମାନ ।

ଜଣେ ସୁବକ୍ତା ଭାବରେ ସମଗ୍ର ରାଜ୍ୟରେ ବେଶ୍ ଜଣାଶୁଣା ଥିଲେ ଅର୍ଜୁନ ଦାଶ। ଅନ୍ୟ ବକ୍ତାମାନଙ୍କ ପରି ସେ ଆଳଙ୍କରିକ ଶବ୍ଦ ସମୂହ ବ୍ୟବହାର କରୁନଥିଲେ। ଖୁବ ଛୋଟ ଛୋଟ ଶବ୍ଦ, ଗାଉଁଲି ଲୋକକଥା, ନିତି ଦିନିଆ ଘଟଣା ଓ ଅନୁଭୂତିକୁ ନେଇ ସେ ଯେଉଁ ବକ୍ତବ୍ୟ ରଖୁଥିଲେ ତାହା ସମସ୍ତଙ୍କ ମନକୁ ଛୁଇଁପାରୁଥିଲା। "ସବୁ ସେହି ଗାତର ଦୋଷ", ସଭାରେ ସଭାପତି କିଏ? ବା-ପା ପ୍ରସଙ୍ଗ ତାଙ୍କ ଭାଷଣରେ ଯେତିକି ରୋଚକ ହୋଇଥାଏ, ଶିକ୍ଷକ ଅଧ୍ୟାପକ ମାନଙ୍କୁ ଆନ୍ଦୋଳନ ପାଇଁ ସେତିକି ପ୍ରେରଣା ଦେଇଥାଏ। ଖାଲି ସେତିକି ନୁହେଁ, ତାଙ୍କ କଟାକ୍ଷ ଓ ଶାଣିତ ଭାଷଣରେ ସରକାରୀ ଦଳ ଓ କଳକୁ ସମାଲୋଚନା କରିବାରେ ସେ ଧୂରୀଣ ଥିଲେ। ବହୁ ରକ୍ତକ୍ଷୟୀ ଶିକ୍ଷକ ଆନ୍ଦୋଳନର ସେ ଥିଲେ ପ୍ରତ୍ୟକ୍ଷଦର୍ଶୀ ମହାନାୟକ। କୌଣସି ପରିସ୍ଥିତିରେ ସେ ସରକାରୀ ଚାପ ଆଗରେ ମୁଣ୍ଡ ନୁଆଉଁନଥିଲେ। ଏହାହିଁ ଥିଲା ଏହି ଦୃଢମନା ଶିକ୍ଷକ ନେତାଙ୍କର ବିଶେଷତ୍ୱ। ଆଜିର ଦୁନିଆରେ ଅର୍ଜୁନ ଦାଶଙ୍କପରି ଶିକ୍ଷକ ନେତା ବିରଳ। ଏବେ ନେତା ଅଛନ୍ତି, କିନ୍ତୁ ସେଭଳି ନେତୃତ୍ୱ ନାହିଁ । ବର୍ତ୍ତମାନର ଶିକ୍ଷକ ନେତା ଓ ଶିକ୍ଷକ ସମାଜ ଏ କଥାକୁ ହୃଦୟଙ୍ଗମ କରିପାରିଲେ ଶିକ୍ଷକ ମାନଙ୍କ ସମସ୍ୟାର ସମାଧାନ ପାଇଁ ବାଟ ଫିଟିଯିବ ଏଥିରେ ସନ୍ଦେହ ନାହିଁ।

**ହିମାଂଶୁଶେଖର ଆଚାର୍ଯ୍ୟ**, ତିର୍ତ୍ତୋଲ, ଜଗତସିଂହପୁର, ମୋ- ୯୯୩୭୧୫୧୦୫୨

## ଶ୍ରୀରାମ ମନ୍ଦିରରେ ଉତ୍କଳ ଦିବସ ପାଳନ ଓ ସମ୍ବର୍ଦ୍ଧନା ସଭା

ଖୋର୍ଦ୍ଧା (ପିଏନ୍)- ଖୋର୍ଦ୍ଧା ଶ୍ରୀରାମ ନଗରସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ, ଶ୍ରୀରାମ ମନ୍ଦିର ଉନ୍ନତି ମିଳିତ ଭାବେ ୧୩୦ରୁ ଉର୍ଦ୍ଧ୍ୱ ସଭ୍ୟ ସଭ୍ୟାଙ୍କ ଉପସ୍ଥିତିରେ ଶିକ୍ଷାବିତ୍ ଦୟାନିଧି ସାହୁଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଦିବସ ପାଳିତ ହୋଇଛି। ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲା ପରିଷଦର ନବ ନିର୍ବାଚିତ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଓ କାଉନସିଲର ସୌର୍ଯ୍ୟ ରଂଜନ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ରୂପେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ମୁଖ୍ୟବକ୍ତା ରୂପେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଏବଂ ସମ୍ମାନିତ ଅତିଥି ରୂପେ ଯୋଗଗୁରୁ ସୀତାକାନ୍ତ ପଣ୍ଡା, ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ମହାରଣା ଓ ଆଡ଼ଭୋକେଟ ବ୍ରଜ କିଶୋର ସାହୁ ଯୋଗ ଦେଇ ପ୍ରାଚୀନ ଓଡ଼ିଆ ଭାଷାର ବହୁଳ ବ୍ୟବହାର ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାସୁଦେବ ନାୟକ, ପ୍ରଫେସର ପରେଶ ଚନ୍ଦ୍ର ପଟ୍ଟନାୟକ, ଗୋଲକ ବିହାରୀ ଜେନା, ସନ୍ତୋଷ ରାଉତ, ସର୍ବେଶ୍ୱର ଦାସ, କନକମଂଜରୀ ପଟ୍ଟନାୟକ, ବିଜୟ କୁମାର ବେହେରା, ଆଶାଲତା ବଳିଆରସିଂହ, କନକ ଜେନା, ଦୁର୍ଗାବତୀ କହଲସିଂହ, ଉର୍ମିଳା ବେହେରା ଓ ସ୍ୱପ୍ନା ପଟ୍ଟନାୟକ ବକ୍ତବ୍ୟ ଦେଇଥିଲେ। ଜ୍ୟୋତି ରଂଜନ ସାହୁ, ସୁଜାତା ପଟ୍ଟନାୟକ ଓ ରଶ୍ମୀରେଖା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୃତ୍ୟଗୁରୁ ହେମନ୍ତ ବେହେରା, ଗତିକୃଷ୍ଣ ଜେନା ଓ ଚିନ୍ମୟୀ ପଣ୍ଡାଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତ୍ରିନାଥ ଚରଣ ସ୍ମୃତି କଳା ଓ ସାହିତ୍ୟ ସଂସଦର ସମ୍ପାଦିକା ଇତିଶ୍ରୀ ସାହୁ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

## ଖୋରଧା ପୌର ପରିଷଦ ସଭା ଗୃହର ମର୍ଯ୍ୟାଦା ହାନି ସମ୍ପର୍କରେ ଜିଲ୍ଲାପାଳଙ୍କୁ ଦାବୀ ପତ୍ର ପ୍ରଦାନ

ଖୋର୍ଦ୍ଧା (ପିଏନ୍)- ଖୋରଧା ପୌରପରିଷଦକୁ ନବ ନିର୍ବାଚିତ ହୋଇ ଆସିଥିବା ଅଧକ୍ଷା ଓ କାଉନସିଲମାନଙ୍କୁ ନିର୍ବାଚିତ ପ୍ରମାଣ ପତ୍ର ପ୍ରଦାନ କରିବା ନିମନ୍ତେ ପୌର ପରିଷଦ ତରଫରୁ ଡ଼କା ଯାଇଥିଲା। ଖୋରଧା ଉପଜିଲ୍ଲାପାଳ ତଥା ପୌର ପରିଷଦର ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ପ୍ରମାଣ ପ୍ରଦାନ କରାଯିବା ପରେ ଉକ୍ତ ସଭା ଗୃହରେ ପୌରାଧକ୍ଷଙ୍କ ପାଖରେ ବିଜୁ ଜନତା ଦଳର ଦୁଇଜଣ ମହିଳା କର୍ମୀ ବସି ନବ ନିର୍ବାଚିତ କାଉନସିଲରମାନଙ୍କ ଉଦେଶ୍ୟରେ କହିଥିଲେ ଯେ, ବିଜେପି ଓ ସ୍ୱାଧୀନ କାଉନସିଲରମାନେ ପୌରାଧକ୍ଷଙ୍କ କୌଣସି କାର୍ଯ୍ୟକୁ ବିରୋଧ ନ କରିବା ପାଇଁ ପ୍ରବର୍ତ୍ତାଇଥିଲେ। ବିରୋଧ କଲେ ସେମାନଙ୍କ ୱାର୍ଡ଼ରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରାଯିବ ନାହିଁ। ଏହି ଘଟଣାଟିକୁ ଖୋରଧା ବିଜେପି ତରଫରୁ ତୃଢ ପ୍ରତିବାଦ ଜଣାଇବା ସହିତ କେଉଁ ପରିସ୍ଥିତିରେ ବିଜୁ ଜନତା ଦଳର ମହିଳା ନେତ୍ରୀ ଓ କର୍ମୀମାନଙ୍କୁ ପୌର ପରିଷଦର ସଭା ଗୃହରେ ବସି ଭାଷଣ ଦେବା ଓ ରାଜନୈତିକ ବୈଠକ କରିବାକୁ ସୁଯୋଗ ଦିଆଯାଇ ସଭା ଗୃହରେ ପବିତ୍ରତା ଓ ମର୍ଯ୍ୟାଦା ହାନି କରାଗଲା। ପୌର ପରିଷଦର ନିର୍ବାହୀ ଅଧିକାରୀ କାହିଁକି ଏହି ସବୁ କାର୍ଯ୍ୟକୁ ବାରଣ କଲେ ନାହିଁ। ଏ ସମ୍ପର୍କରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଖୋରଧା ଜିଲ୍ଲା ବିଜେପି ସଭାପତି ରଶ୍ମୀ ରଂଜନ ମହାପାତ୍ର ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡେଇତରାୟ, ନିକୁଞ୍ଜ ପଟ୍ଟନାୟକ, କୁନିଲତା ସ୍ୱାଇଁ ପ୍ରମୁଖଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଖୋରଧା ଜିଲ୍ଲାପାଳଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି।

## ସଚ୍ଚିଦାନନ୍ଦ ଗୁରୁକୁଳରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାରିପଦା : ସ୍ଥାନୀୟ ମୁର୍ଗାବାଡି ସ୍ଥିତ ସଚ୍ଚିଦାନନ୍ଦ ଗୁରୁକୁଳରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି କ୍ଷ ଉକ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ପୁର୍ବତନ ରାଜ୍ୟସଭା ସାଂସଦ ବୀରଭଦ୍ର ସିଂ, ରାଉଲକେଲା ଚିନ୍ମୟ ମିଶନର ଆଚାର୍ଯ୍ୟ ବ୍ରହ୍ମଚାରିଣୀ ପ୍ରତିଭା ଚୈତନ୍ୟ, ଗୁରୁକୁଳର ଆଇମାଆ ସ୍ନେହଲତା ବେହେରା, ଅଧକ୍ଷ ଅଜିତ୍ କୁମାର ବେହେରା, ବରିଷ୍ଠ ସାମ୍ବାଦିକ କବି ବିଷ୍ଣୁ ଶତପଥୀ ଦ୍ୱୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ।ମୁଖ୍ୟ ଅତିଥି ବାରିପଦା ବିଧାୟକ ପ୍ରକାଶ ସୋରେନ , ୱାର୍ଡ କାଉସିଲର ଲକ୍ଷ୍ମୀଧର ହାବଡା , ଓଡ଼ିଶା ବନ ଉନ୍ନୟନ ନିଗମର ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷ ପ୍ରମୋଦ କୁମାର ଡାକୁଆ, ଓ ଆର ଡି ସଂସ୍ଥାର ଅଧକ୍ଷ ସାଇ ପ୍ରକାଶ ମହାନ୍ତି , ଟ୍ରଷ୍ଟି ଉର୍ମିଳା ବେହେରା, ଟ୍ରଷ୍ଟି ସବ୍ୟସାଚୀ ପଲେଇ, ଟ୍ରଷ୍ଟି ବିରଞ୍ଚି ନାରାୟଣ ବେହେରା, ଅଧ୍ୟାପକ ପ୍ରଦୀପ ସାହୁ ବିଭିନ୍ନ ପ୍ରତିଯୋଗିତାର ବିଜେତା ମାନଙ୍କୁ ପୁରସ୍କୃତ ପ୍ରଦାନ କରିବା ସହିତ ଶିକ୍ଷକ କୈଳାସ ଚନ୍ଦ୍ର ଦାଶ,ନୃତ୍ୟଗୁରୁ ଦିପୁ ଧଡା ଏବଂ ଉତ୍ତମପିତା ଓ ଉତ୍ତମମାତା ସମ୍ମାନ ଯଥାକ୍ରମେ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ଭାରତୀ ମହାନ୍ତଙ୍କୁ ମଞ୍ଚରେ ସମ୍ମାନୀତ କରିଥିଲେ କ୍ଷ କୃଷ୍ଣା ତନୟା ନାୟକ ଓ ଏ ଏସ ଅନୁମିତାଙ୍କୁ ଶେଷ୍ଟ ବିଦ୍ୟାର୍ଥୀ, ସଞ୍ଜୀବ ମହାନ୍ତଙ୍କୁ ଶ୍ରେଷ୍ଠ ସେବକ, ଶ୍ରେଷ୍ଠ ଶୃଙ୍ଖଳିତ ବିଦ୍ୟାର୍ଥୀ ଶ୍ରୀୟା ପାତ୍ର ଓ କାଜଲ ମାଝୀଙ୍କୁ ପୁରସ୍କୃତ କରାଯାଇଥିଲା ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଗେଣ୍ଡୁଫୁଲ ଚାଷ ଦେଇଛି ସ୍ୱତନ୍ତ୍ର ପରିଚୟ ଚାଷୀ ମୁନିରାମ



ଧର୍ମଗଡ଼ (ପି ଏନ): ସରକାରୀ ସହାୟତା ରେ ଚାଷୀ ମାନେ କିଏ ଧାନ ଚାଷ ତ ଆଉ କିଏ ପନିପରିବା ଚାଷ ତ ଆଉ କିଏ ଡାଲି ଜାତୀୟ ଫସଲ ଚାଷ କରି ସ୍ୱାବଲମ୍ବୀ ହେଉଛନ୍ତି । ହେଲେ ଏମିତି ଜଣେ ଚାଷୀ ଅଛନ୍ତି ଏ ସବୁକୁ ମାତ ଦେଇ ଗେଣ୍ଡୁଫୁଲ ଚାଷ କରି ସ୍ୱାବଲମ୍ବୀ ହୋଇଛନ୍ତି । ଗୋଲାମୁଣ୍ଡା ବ୍ଲକ ରେ ଜଣେ ମାତ୍ର ଚାଷୀ ଯିଏକି ଗେଣ୍ଡୁଫୁଲ ଚାଷ କରି ପାଇଛନ୍ତି ନିଜର ସ୍ୱତନ୍ତ୍ର ପରିଚୟ । କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଧାମନପୁର ପଞ୍ଚାୟତର ମୁକୁନ୍ଦପୁର ଗ୍ରାମର ଚାଷୀ ମୁନିରାମ ପୁଟେଲ ଆଗରୁ ପନିପରିବା ଚାଷ କରୁଥିଲେ ।ହେଲେ କୃଷି ଉଦ୍ୟାନ ବିଭାଗର ସହାୟତାରେ ସେ ଗତ ୨୦୧୮ ମସିହାରେ ଗେଣ୍ଡୁଫୁଲ ଚାଷ ଆରମ୍ଭ କରିଥିଲେ । ଚାଷୀ ମୁନିରାମ ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳୀ ପୁଟେଲ ନିଜ ଘର ପଛପଟେ ଥିବା ୫୦ ଡ଼ିସିମିଲ ଜାଗାରେ ଗେଣ୍ଡୁଫୁଲ ଚାଷ କରିଛନ୍ତି। ଗେଣ୍ଡୁଫୁଲ ଚାଷରେ କମ ଖର୍ଚ୍ଚ ଓ କମ ସମୟ ଦେଉଥିବା ବେଳେ ଭଲ ଲାଭବାନ ମଧ୍ୟ ହେଉଛନ୍ତି । ଗେଣ୍ଡୁଫୁଲ ଚାଷ ରେ ବର୍ଷକୁ ଲକ୍ଷେ ଟଙ୍କା ଆୟ କରନ୍ତି । ଗେଣ୍ଡୁ ଫୁଲ ପ୍ରଥମତଃ ଆୟ କରିବାର ଏକ ମାଧ୍ୟମ ହୋଇଥିବା ବେଳେ ସୌନ୍ଦର୍ଯ୍ୟ ମଧ୍ୟ ବଢାଇଛି । ବିଗତ ୫ ବର୍ଷ ହେବ ନିଜ ବାଡ଼ି ରେ ଫୁଲ ଚାଷ କରିଥିବା ବେଳେ ଏକ ପାର୍କ ର ମଧ୍ୟ ଭ୍ରମ ସୃଷ୍ଟି କରିଛି । ବିଶେଷ କରି ବର୍ଷା ଋତୁରେ ଫୁଲ ଫୁଟିଥାଏ ଓ ଲୋକେ ନିଜ ବାଡ଼ି ବଗିଚାରେ ଫୁଲ ଗଛ ଲଗାଇ ଥାନ୍ତି। ବର୍ଷା ଋତୁ ଗଲା ପରେ ଆଉ ଫୁଲ ଦିଶେ ନାହିଁ । କିନ୍ତୁ ଚାଷୀ ମୁନିରାମ ପୁଟେଲଙ୍କ ବାଡ଼ି ରେ ବର୍ଷ ସାରା ଫୁଲ ଫୁଟିଥାଏ । ଜିଲ୍ଲାର ଭବାନୀପାଟଣା, ଜୁନାଗଡ଼ ଧର୍ମଗଡ଼ ବ୍ଲକ ର ଫୁଲ ଦୋକାନୀ ମାନେ ନେଇ ବିକ୍ରି କରିଥାନ୍ତି । ବର୍ତ୍ତମାନ ଗେଣ୍ଡୁଫୁଲ ପନିପରିବା ଠାରୁ ମଧ୍ୟ ଅଧିକ ଦାମ ରେ ବିକ୍ରି ହେଉଛି । କେଜି ପ୍ରତି ୬୦ ଟଙ୍କା ରେ ବିକ୍ରି କେଉଁଥିବା ନେଇ ଚାଷୀ କହିଛନ୍ତି । ଚାଷୀ ମୁନିରାମ କହନ୍ତି ଫୁଲ ଚାଷ ପାଇଁ ସକାଳେ ତିନି ଘଣ୍ଟା ଓ ଅପରାହ୍ନ ରେ ତିନି ଘଣ୍ଟା ସମୟ ଦେଇଥାନ୍ତି । ବର୍ତ୍ତମାନ ୫ ବର୍ଷ ହେବ ସେ ଗେଣ୍ଡୁଫୁଲ ଚାଷ କରୁଛନ୍ତି। ଗୋଟିଏ ଗେଣ୍ଡୁଫୁଲ ଗଛର ପରମାୟୁ ୬ ମାସ ଥିବା ବେଳେ ୫ ରୁ ୬ କେଜି ଫୁଲ ଯୋଗାଇଥାଏ । ଆଜିକା ଦିନରେ ଯେକୌଣସି ଚାଷହେଉନା କାହିଁକି ନିଜର ତନ,ମନ ଓ ଧନ ଲଗାଇ ଚାଷ କଲେ ନିହାତି ଭାବରେ ଆଗକୁ ବଢି ପାରିବେ ଏବଂ ଏହା ମୁକୁନ୍ଦପୁର ଗ୍ରାମର ଚାଷୀ ମୁନିରାମ ପୁଟେଲ କରିକି ଦେଖାଇଛନ୍ତି ।

## ୪୮ ଘଣ୍ଟା ମଧ୍ୟରେ ସରକାର ଦେଉଛନ୍ତି ଚାଷୀଙ୍କୁ ଧାନବିକ୍ରୟ ଟଙ୍କା

ଭୁବନେଶ୍ୱର: (ସଞ୍ଜୀବ ସାଏ) ଚଳିତ ଖରିଫ ଋତୁରେ ରାଜ୍ୟରେ ଧାନକିଣା ପ୍ରକ୍ରିୟା ବ୍ୟାପକ ହୋଇଛି । ପଞ୍ଜୀକୃତ ଚାଷୀମାନେ ଯେଭଳି ଏଥିରୁ ବାଦ ନ ପଡ଼ନ୍ତି, ଏଥି ନିମନ୍ତେ ସରକାରୀ ସ୍ତରରେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରତ୍ୟେକ ମଣ୍ଡିରେ ଚାଷୀମାନଙ୍କ ହିତ ପାଇଁ ଅଧିକାରୀମାନେ ନିଯୁକ୍ତ ହୋଇ ଧାନକିଣା ଉପରେ ତୀକ୍ଷ୍ ?ଣ ନଜର ରଖିଛନ୍ତି । ଧାନ ବିକ୍ରୟର ୪୮ ଘଣ୍ଟା ମଧ୍ୟରେ ଚାଷୀମାନଙ୍କ ଆକାଉଣ୍ଟକୁ ସେମାନଙ୍କ ଧାନକିଣା ରାଶି ପ୍ରଦାନ କରାଯାଉଛି । ବର୍ତ୍ତମାନ ୨୭ଟି ଜିଲ୍ଲାରେ ଧାନକିଣା ଜାରି ରହିଛି । ଆଜି ସୁଦ୍ଧା ଅନୁଗୋଳ, ବାଲେଶ୍ୱର, ବରଗଡ଼, ଭଦ୍ରକ, ବଲାଙ୍ଗିର, ବୌଦ୍ଧ, କଟକ, ଦେବଗଡ଼, ଗଜପତି, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି,


2025-2026

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2025

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada


# ରାସ୍ତାରେ ହେଲା ପ୍ରସବ; ଶିଶୁପୁତ୍ରର ମୃତ୍ୟୁ ପ୍ରସୂତୀକୁ ମିଳିଲାନି ଚିକିତ୍ସା

ଯୋଡ଼ା (ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ୯ ୱାର୍ଡ ଗୋପ ହଟିଂ ସ୍ଥିତ ମଙ୍ଗଳାମନ୍ଦିର ନିକଟ ରାସ୍ତାରେ ଜନ୍ମ ହୋଇଛି ଏକ ଶିଶୁପୁତ୍ର । ଭୂମିଷ୍ଠ ହେବା ପରେ ଶିଶୁପୁତ୍ରଟିର ମୃତ୍ୟୁ ହୋଇଯାଇଥିବା ଖବର ହସ୍ତଗତ ହୋଇଛି । ଏହି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ସର୍ବାଧିକ ଖଣି ରାଜସ୍ୱ ଦେଉଥିବା ଖଣି ଉପତ୍ୟକା ଯୋଡା ସହରରେ । ପ୍ରତ୍ୟେକ୍ଷ ସୂତ୍ରରୁ ପ୍ରକାଶ ଯେ ସୋମବାର ରାତ୍ର ପ୍ରାୟ ସାଢେ ୧୦ଟା ସମୟରେ ଜଳହରୀ ପ ।ୟତ ଅଧୀନରେ ଆଇଟିସି କଲୋନୀ ନିବାସୀ କପିଳାସ ନାଏକ ତାଙ୍କ ପତ୍ନୀ ସୁକମତୀ ପୂ ୍ଣ୍ଣ ଏବଂ ତାଙ୍କ ଶାଶୁ ଘାସ ନାଏକ ସୁକୁମତୀଙ୍କୁ ଦୁଇ କାନ୍ଧର ସାହାରାରେ ମଙ୍ଗଳାମନ୍ଦିର ରାସ୍ତା ଦେଇ ସରକାରୀ ଡାକ୍ତରଖାନାକୁ ନେଉଥିବା ବେଳେ ପ୍ରସବ ବେଦନା ସହିନପାରି ସୁକୁମତୀ ରାସ୍ତାରେ ଉପରେ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ହେଲେ ଶିଶୁପୁତ୍ରଟିର କିଛିକ୍ଷଣ ପରେ ମୃତ୍ୟୁ ଘଟିଥିଲା । ପ୍ରସବ ବେଦନାର ଚିତ୍କାର ଏବଂ ମୃତ ଶିଶୁପୁତ୍ରର ଦୁଃଖରେ ମ୍ରିୟମାଣ ମୃତ ଶିଶୁର ମା'ଙ୍କର କ୍ରନ୍ଦନ ବସ୍ତିବାସିନ୍ଦାଙ୍କ ନିଦ ହଜାଇ ଦେଇଥିଲା । ଏସମ୍ପର୍କରେ ବିଦ୍ଧିବଦ୍ଧ ଭାବେ ସୁକୁମତୀଙ୍କ ସ୍ୱାମୀ କପିଳାସଙ୍କ ଠାରୁ ଜାଣିବାକୁ ମିଳିଥିଲା ଯେ ସୋମବାର ଅପରାହ୍ନ ୨ଟା ବେଳେ ସେ ଓ ତାଙ୍କ ପରିବାର ସୁକୁମତୀଙ୍କୁ ପ୍ରସବ ପାଇ ଯୋଡା ସ୍ଥିତ ସରକାରୀ ଡାକ୍ତରଖାନାରେ ଭ ୍ତି କରିଥିଲେ । ସେଠାରେ ତାଙ୍କର ଅବସ୍ଥା ଜଟିଳ ଥିବାରୁ ତାଙ୍କୁ ଡାକ୍ତରଖାନା ପକ୍ଷରୁ କେନ୍ଦୁଝର କିମ୍ବା ଚମ୍ପୁଆ ନେବା ପାଇଁ କୁହାଯାଇଥିଲେ ହେଁ ସମ୍ବଳ ଅଭାବରୁ ସେ ଟାଟା କମ୍ପାନୀ ଡାକ୍ତରଖାନାକୁ ନେଇଯାଇଥିଲେ । ସେଠାରେ ତାଙ୍କୁ ଚିକିତ୍ସା କରାଯିବା ପରିବେ ୍ତ କେବଳ କୋଭିଡ ଟେଷ୍ଟ କରାଇ କୌଣସି ରିପୋର୍ଟ ନଦେଇ ତାଙ୍କୁ ପୁନଃ ସରକାରୀ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା । ସେଠାରୁ ସରକାରୀ ଡାକ୍ତରଖାନାକୁ ଆସିବା ପାଇଁ କୌଣସି ଗାଡି କିମ୍ବା ଆମ୍ବୁଲାନ୍ସର ସୁବିଧା ନମିଳିବାରୁ ଶେଷରେ ସୁକୁମତୀ ପୂ ୍ଣ୍ଣଙ୍କ ସ୍ୱାମୀ ଓ ଶାଶୁ ଦୁଇ କାନ୍ଧରେ ଆଶ୍ରା କରି ପାଦରେ ଚାଲି ଚାଲି ମଙ୍ଗଳାମନ୍ଦିର ଦେଇ ରାସ୍ତା ଅତିକ୍ରମ କରୁଥିବା ବେଳେ ଗର୍ଭବତୀ ମହିଳା ସୁକୁମତୀଙ୍କ ରାସ୍ତାରେ ପ୍ରାୟ ରାତ୍ର ୧୧ଟା ବେଳେ ସନ୍ତାନ ପ୍ରସବ ହୋଇଯାଇଥିଲା । ଶିଶୁପୁତ୍ରଟିର ଜନ୍ମ ହେବାର କିଛି ସମୟ ପରେ ମୃତ୍ୟୁ ହୋଇଯାଇଥିଲା । କ୍ରନ୍ଦନ ଏବଂ ଚିତ୍କାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଆସି ଦେଖିବା ପରେ ସମସ୍ତେ ସ୍ତବ୍ଧ ହୋଇଯାଇଥିଲେ । କାରଣ ଶିଶୁପୁତ୍ର ଜନ୍ମ ହେବା ପରେ ଶିଶୁପୁତ୍ରଟିର ନାଭି ମା' ସହିତ ସଂଯୋଗ ହୋଇ ରହିଥିଲା । ମାଙ୍କର ଜୀବନ ପ୍ରତି ବିପଦ ଥିବାରୁ ତୁରନ୍ତ ସ୍ଥାନୀୟ ଲୋକ ୧୦୮ ଆମ୍ବୁଲାନ୍ସକୁ ଖବର ଦେବା ସହିତ ଟାଟାକମ୍ପାନୀ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଫୋନ ଯୋଗେ ଜଣାଇଥିଲେ । ତେବେ ବଡବିଲରୁ ୧୦୮ ଆମ୍ବୁଲାନ୍ସଟି ପହ ୍ଚି ସୁକୁମତୀଙ୍କୁ ମୃତ ଶିଶୁପୁତ୍ର ସହ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ଭ ୍ତି କରିଥିଲେ । ଏହି ଘଟଣା ପ୍ରଘଟ ହେବା ପରେ ଜନସାଧାରଣଙ୍କ ମନରେ ଘରୋଇ ଡାକ୍ତରଖାନା ପ୍ରତି ପ୍ରବଳ ଆକ୍ରୋଶ ଦେଖାଯାଇଥିଲା ।

## ଖଟିଖିଆଙ୍କୁ ମାଗଣା ଖାଦ୍ୟ, ୬ ମାସ ପାଇଁ ପ୍ରତି ପରିବାରକୁ ଆର୍ଥିକ ସହାୟତା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ଭଦ୍ରକ, (ପିଏନ)- ସିପିଆଇଏମ୍ ପଲିଟି ବ୍ୟୁରୋ ଡାକରାରେ ସାରା ଦେଶରେ ଗତ ୧୭ ତାରିଖ ଠାରୁ ମୋଦି ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦାବି ନେଇ ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ବନ୍ତ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ରହିଛି । ଭାରତ ବର୍ଷ ମଧ୍ୟ ଏଥିରୁ ବାଦ୍ ପଡିନାହିଁ । ଦେଶବାସୀଙ୍କ ଜୀବନ ଓ ଜୀବିକା ସଂକଟମୟ ସ୍ଥିତି ମଧ୍ୟରେ ଗତି କରୁଛି । ଏଭଳି ସମୟରେ କେନ୍ଦ୍ରର ମୋଦି ସରକାର ସଂସଦରେ ଏ ବିଷୟ ଆଲୋଚନା ନ କରି କୃଷିଜାତ ଦ୍ରବ୍ୟ ଡାଲି, ଧାନ, ଆଳୁ, ପିଆଜକୁ ୩ଟି ଅଧାଦେଶ ଜରିଆରେ କର୍ପୋରେଟ କମ୍ପାନୀ ହାତକୁ ଟେକି ଦେଇଛି । ସମସ୍ତ ରାଷ୍ଟ୍ରାୟ ଶିଳ୍ପ ଯଥା ରେଳବାଇ, ବିମାନ ସେବା, ବ୍ୟାଙ୍କ, ଡାକ, ବୀମା, ଖଣିକୁ ଶାଗମାଛ ଦରରେ ଆଦାନୀ, ଅମ୍ବାନୀ ତଥା ବିଦେଶୀ କର୍ପୋରେଟ କମ୍ପାନୀକୁ ଟେକି ଦିଆଯାଉଛି ବୋଲି ବିକ୍ଷୋଭ ଅବସରରେ ଆରୋପ କରାଯାଇଛି । ଦେଶରେ ପେଟ୍ରୋଲ, ଡିଜେଲର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟରେ ସ୍ଥିରତା ଆଣିବା, କରୋନା ମହାମରୀ ଜନିତ ଗରିବ ଖଟିଖିଆ ରିକ୍ସା ଚାଳକ, ନିର୍ମାଣ ଶ୍ରମିକ, ପରିବହନ ଶ୍ରମିକ, ବନ୍ଦର ଶ୍ରମିକ, ଟ୍ରଲି ଚାଳକ ଭଳି ପରିବାରକୁ ମାଗଣା ଖାଦ୍ୟ ଯୋଗାଣ ଓ ପ୍ରତି ପରିବାରକୁ ୬ ମାସ ପାଇଁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇବାକୁ ବିକ୍ଷୋଭ ସଭାରେ ଦାବି କରାଯାଇଛି । ପାର୍ଟିର ଜିଲ୍ଲା କମିଟି ସମ୍ପାଦକ ଦିବ୍ୟସିଂହ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ସେକ୍ କାସିମ, ମେହେମୁଦ୍ ପ୍ରମୁଖ ବିକ୍ଷୋଭ ସଭାରେ ସାମିଲ ହୋଇଥିଲେ ।

# କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି । ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅ ଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି । ତେବେ କେତେକ ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି । ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି । ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅ ଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା । ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପ ।ୟତ ସମେତ ମଳଦା,ଫୁଲଝର,କୁମୁଣ୍ଡି,ଶୁଆକାଟୀ,ବାଂଶପାଳ ଆଦି ପ ।ୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ । ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା । ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ । ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୂଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା । ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି । ଅନେକ ସମୟରେ ମିଥ୍ୟା ଓ ଭି ି ହୀନ ଅଭିଯୋଗ କରି କାରଖାନା କ ୃ ପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉ େଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି । ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି । ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲା କୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି । କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅ ଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ । ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି । ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ,ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି ।

## ଭୁବନ ସିଏଚସିରେ ୬୧ ଜଣଙ୍କର ଆଂଟିଜେନ ଟେଷ୍ଟ ହେଲା

ଭୁବନ, (ପିଏନ)- ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୧ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ତେବେ ଆଜି ସୁଦ୍ଧା ୨୩୬୯ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା,କାଶ,ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ ଶହରେ ପହଁଚିଥିବାରୁ ଲୋକମାନେ ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି ।

# ଉପଖଣ୍ଡ ଚିକିତ୍ସାଳୟରେ ବ୍ଲଡ ଷ୍ଟୋରେଜ ୟୁନିଟ୍‌କୁ କାର୍ଯ୍ୟକ୍ଷମ ଦାବୀ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୩ ବର୍ଷ ତଳେ ବ୍ଲଡ ଷ୍ଟୋରେଜ ୟୁନିଟ ଖୋଲାଯାଇଥିଲା । ହେଲେ ଆବଶ୍ୟକ ରକ୍ତ ସଂଗ୍ରହ ହୋଇ ପାରୁନଥିବା ଯୋଗୁଁ ଏହି ୟୁନିଟ ବନ୍ଦ କରି ଦିଆଯାଇଥିବା ଜଣାପଡିଛି । ଫଳରେ ଏହି ୟୁନିଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି । ନୂଆପଡା ଜିଲ୍ଲାର ପ୍ରମୁଖ ଏବଂ ମୁଖ୍ୟସ୍ଥଳୀ ଭାବରେ ଖଡିଆଳ ଜଣାଶୁଣା । ଏଠାରେ ରକ୍ତ ଅଭାବରୁ ଅନେକ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇ ପାରୁନଥିବା ବେଳେ ବ୍ଲଡ ଷ୍ଟୋରେଜ ୟୁନିଟର ନିତାନ୍ତ ଆବଶ୍ୟକତା ରହିଛି । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିମାସରେ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ମହଜୁଦ ରଖିବାକୁ ଇତିପୂର୍ବେ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁରୂପ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀ ରକ୍ତଦାନ ଶିବିର ଆୟୋଜନ ପାଇଁ ବୈଠକ ମଧ୍ୟ କରିଥିଲେ । କିନ୍ତୁ କୌଣସି କାରଣ ନଥାଇ ତାହାକୁ ବିନା କାରଣରେ ବନ୍ଦ କରି ଦିଆଯାଇଛି । ଖଡିଆଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରସୂତୀ ଅସ୍ତ୍ରୋପ୍ରଚାର କେନ୍ଦ୍ର ରୁପେ ଜିଲ୍ଲା ପ୍ରଶାସନ ସ୍ୱୀକୃତି ଦେଇଥିବା ବେଳେ ଆନୁସାଙ୍ଗିକ ବ୍ୟବସ୍ଥା ନହେବା କାରଣରୁ ଅନେକ ଗର୍ଭବତୀ ମହିଳା ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିବାକୁ ବିଫଳ ହେଉଛନ୍ତି । ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଦୈନିକ ୧୦ ରୁ ଉର୍ଦ୍ଧ ମାଁ ପ୍ରସବ କରୁଛନ୍ତି । କିନ୍ତୁ ଅନେକ ମାଁଙ୍କୁ ରକ୍ତ ମିଳୁନଥିବା ଯୋଗୁଁ ଶିଶୁ ଜନ୍ମ ଦେଲା ପରେ ମଧ୍ୟ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସୂତୀଙ୍କୁ ନେବାକୁ ବାଧ୍ୟ ହେଉଛନ୍ତି । ବ୍ଲଡ ଷ୍ଟୋରେଜ ୟୁନିଟ କାର୍ଯ୍ୟକ୍ଷମ ହେଲେ ଅନେକ ପ୍ରସୂତୀ ମାଁ ସମେତ ଅନ୍ୟାନ୍ୟ ରୋଗୀ ମାନେ ଉପକୃତ ହୋଇପାରନ୍ତେ ବୋଲି ଖଡିଆଳ ବୁଦ୍ଧିଜିବୀ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବ୍ଲଡ ଷ୍ଟୋରେଜ ୟୁନିଟକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି ।

# ଭୁବନ ବିଜେପି ତରଫରୁ ସେବା ସପ୍ତାହ ଉଦଯାପିତ

ଭୁବନ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଜୟନ୍ତୀ ଅବସରରେ ଭୁବନ ବିଜେପି ତରଫରୁ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ବୃକ୍ଷରୋପଣ,ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ,ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ,ରକ୍ତଦାନ ଶିବିର ଏବଂ ଅନ୍ତିମ ଦିବସରେ ଗତକାଲି ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ସେବା ସପ୍ତାହ ଉଦଯାପିତ ହୋଇଥିଲା । ଭୁବନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମଣ୍ଡଳ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାଉନସିଲର ମାୟାଧର ଗୁରୁ,ପବିତ୍ର ସାହୁ,ଗଣେଶ୍ୱର ନାୟକ,ସୁଶାନ୍ତ ନାୟକ,ସନ୍ତୋଷ ରାଉଳ,ନିରଂଜନ ଗୁରୁ, ମଳୟ ତ୍ରିପାଠୀ,ଜଗବନ୍ଧୁ ଗୁରୁ,ଅଜିତ ସାହୁ,ସଂଜୟ ଗୁରୁ,ନାରୀନେତ୍ରୀ ସରୋଜିନୀ ରଣା,ଅମ୍ବିକା ବେଜ,ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନୁରୂପ ଭାବେ ଭୁବନ ବ୍ଲକର ମହୁଲପାଳ ମଣ୍ଡଳ ସଭାପତି ଚୈତନ୍ୟ ବେହେରା,ମୃଦଙ୍ଗା ସରପଂଚ ଅଶୋକ ଦତ,ମହୁଲପାଳ ସରପଂଚ ମମତା ସାହୁ,ଗଗନ ବିହାରୀ ସାହୁ ଏବଂ ବାରଆଁ ମଣ୍ଡଳ ତରଫରୁ ସଭାପତି ସଂଜୟ ଦାସ ଙ୍କ ନେତୃତ୍ୱରେ ରସାନନ୍ଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ଙ୍କ ସହଯୋଗରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ୩୦ ବର୍ଷର ଫଳପୁରର ଜଙ୍ଗଲ ଜମି ଏବେ ବ୍ୟକ୍ତିଗତଙ୍କ ନାଁରେ : ଆନ୍ଦୋଳନ ପାଇଁ ୫ ପଂଚାୟତବାସୀ ଏକଜୁଟ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ଧାମନଗର ତହସିଲ ଅଧିନରେ ଥିବା ବିଭିନ୍ନ ଗୋଚର, ଅନାବାଦୀ ଓ ଜଙ୍ଗଲ ଜମିକୁ କେତେକ ଜମି ଦଲାଲୀ ଚଂଚକତା କରି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି । ଏପରିକି ଉକ୍ତ ଜମିରେ ସଂପୃକ୍ତ ଦଲାଲୀମାନେ ପକ୍କାଘର ସହିତ ଜବରଦଖଲ କରିବାରେ ସକ୍ଷମ ହୋଇଛନ୍ତି । ଏନେଇ ବିଭିନ୍ନ ମହଲରୁ ବାରମ୍ବାର ଅଭିଯୋଗ ସତ୍ୱେ ବି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଥାଉକି ଧାମନଗର ତହସିଲ ଅନ୍ତର୍ଗତ ଭଙ୍ଗସାହି ପଂଚାୟତ ଫଳପୁର ମୌଜାର ତଫସିଲ ଗ୍ରାମ୍ୟ ଜଙ୍ଗଲ ବୃତିକୁ ଚଂଚକତା କରି ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିନେଇଥିବା ଜଣାଯାଇଛି । ଅଭିଯୋଗରୁ ଜଣାଯାଇଛି ଯେ, ଜମିଦାରୀ ସମୟରେ ସୁଶିଳାବାଳା ଦାସୀ ନାମରେ ଉକ୍ତ ତଫସିଲ ରେକର୍ଡ ଦରଜ ଥିଲା । ସାବକରେ ଏହାର ଖାତା ନଂ- ୧୩୫ ଅବଂ ପ୍ଲଟ ନଂ-୧୫୬୦ ଓ ୧୫୬୧, ରକବା ୨ଏକର ୧୧ ଡିସିମିଲ ଥିଲା । ତତ୍‌ପରେ ଉକ୍ତ ତଫସିଲ ହାଲ ବନ୍ଦୋବସ୍ତରେ ରାଧାକାନ୍ତ ବୋଷ ପିତା-ରାମକୃଷ୍ଣ ବୋଷ, ବାସସ୍ଥାନ-କୋଠାରରେ ରେକର୍ଡ ଦରଜ ଥାଇ ପୁନର୍ବାର ରାଧାକାନ୍ତ ବୋଷଙ୍କ ଦୁଇ କନ୍ୟା ରାଜେଶ୍ୱରୀ ଦେ ଓ ତନୁଶ୍ରୀ ମିତ୍ରଙ୍କ ନାମରେ ରେକର୍ଡ ହୋଇଥିଲେ ହେଁ ପ୍ରକୃତପକ୍ଷେ ସେମାନେ କେହିଁ ଏହି ଜଙ୍ଗଲ ଜମିରେ ଦଖଲଦାରୀ ନଥିଲେ । ପରବର୍ତ୍ତୀ ସମୟରେ ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ସେମାନଙ୍କ ଠାରୁ ଚଂଚକତା କରି ଉକ୍ତ ଜଙ୍ଗଲ ଜମିକୁ ନିଜ ନାମରେ କରି ପଟ୍ଟା ପାଇବାରେ ସକ୍ଷମ ହୋଇଛନ୍ତି । ଏହି ଚଂଚକତା ଘଟଣା ଜଣାପଡିବା ପରେ ଆଖପାଖ ଅଂଚଳର ଭଙ୍ଗସାହି ସମେତ ନଦୀଗାଁ, ଦଳାଙ୍ଗ, ଅର୍ଜୁନପୁର ଓ ବୟାଙ୍ଗଡିହ ଆଦି ପଂଚାୟତର ଶହଶହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ପାରିପାର୍ଶ୍ୱରେ ଅରଳେଶ୍ୱର ମହାଦେବ ମନ୍ଦିର, ଶନିଦେବଙ୍କ ମନ୍ଦିର, କଣ୍ଡିଆଶୁଣି ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅସ୍ଥାନ ରହିଛି । ମଧ୍ୟଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ଏବଂ ଜଙ୍ଗଲର ଚତୁଃପାର୍ଶ୍ୱରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଥିବାରୁ ପରିବେଶକୁ ସୁନ୍ଦର କରିଛି । ଏନେଇ ଉକ୍ତ ୫ଟି ପଂଚାୟତର ଶତାଧିକ ଜନସାଧାରଣ ଏହି ଗ୍ରାମ୍ୟ ଜଙ୍ଗଲ ପରିସରରେ ଥିବା କଣ୍ଡିଆଶୁଣୀ ପୀଠରେ ଏକତ୍ରିତ ହୋଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୩୦ ବର୍ଷ ଧରି ସରକାରଙ୍କ ଏହି ସ୍ଥାନ ଗ୍ରାମ୍ୟ ଜଙ୍ଗଲର ମାନ୍ୟତା ପାଇଥିଲା ବେଳେ କିପରି ଭାବେ ଏହି ଜମିକୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୁକ୍ତ କରାଗଲା । ଏହି ର୍‍ୟାକେଟ ପଛରେ କେଉଁ ସରକାରୀ ଅଧିକାରୀଙ୍କ ହାତ ଅଛି ତାହାକୁ ତୁରନ୍ତ ବାହାର କରିବା ସହିତ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଏକ ପ୍ରତିନିଧି ଦଳ ଆଗାମୀ ଦିନରେ ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ଏଥିସହ ଧାମନଗର ତହସିଲଦାରଙ୍କ ସମେତ ମୁଖ୍ୟମନ୍ତ୍ରୀ, ଆରଡିସି, ରାଜସ୍ୱ ଓ ଜଙ୍ଗଲ ବିଭାଗର ମନ୍ତ୍ରୀ, ସାଂସଦ, ସ୍ଥାନୀୟ ବିଧାୟକ ଓ ପଂଚାୟତ ସମିତି ଅଧ୍ୟକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଛି । ଏହି ବୈଠକରେ ସମାଜସେବୀ ମଧୁସୂଦନ ମହାନ୍ତିଙ୍କ ସଭାପତିତ୍ୱରେ ନାରାୟଣ ଚନ୍ଦ୍ର ନାୟ, ସଂଜୟ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ମହାନ୍ତି, ସମିତିସଭ୍ୟ ବିରଜା ପ୍ରସନ୍ନ ରାଉତ, ବିଶ୍ୱଜିତ ପତି, ସଂଜିବ କୁମାର ସାହୁ, ଦୁଃଶାସନ ପଣ୍ଡା, ପ୍ରମୋଦ କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, ଗୋଲେଖ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ମହାଳିକ, ଆନନ୍ଦଚନ୍ଦ୍ର ମହାପାତ୍ର, ବାବାଜୀ ଚରଣ ନାୟକ, ପ୍ରଦୀପ ମହାପାତ୍ର, ସନ୍ଦିପ ମହାନ୍ତି, ଜନ୍ମଜୟ ପତି, ବୁଲୁ ପଣ୍ଡା, ଉପେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ସାହୁ, ପ୍ରଦୀପ ନାୟକ, ଦିପ୍ତି ମହାପାତ୍ର, କ୍ଷେତ୍ରବାସୀ ବାରିକ, ହରେକୃଷ୍ଣ ପ୍ରଧାନ, ପ୍ରତାପ ଜେନାଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପରୋକ୍ତ କାର୍ଯ୍ୟକୁ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ଖେଳ ପର୍ଯ୍ୟବେକ୍ଷକ

Bhubaneswar Wednesday June 11 ଭୁବନେଶ୍ୱର ବୁଧବାର, ୧୧, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଟାଟା ମୋଟର୍ସ ଦେଶବ୍ୟାପୀ ମ ୨୦ ସୁମୀ ଚେକ୍ ଅପ୍ କ୍ୟାମ୍ପ ଆୟୋଜନ କରେ

ମୁମ୍ବାଇ, (ପି.ଏନ): ଏକ ବର୍ଦ୍ଧିତ ମାଲିକାନା ଅଭିଜ୍ଞତା ପ୍ରଦାନ ପାଇଁ ନିରନ୍ତର ପ୍ରତିବଦ୍ଧତା ମଧ୍ୟରେ ଭାରତର ଅଗ୍ରଣୀ ଅଟୋମୋବାଇଲ୍ ଉତ୍ପାଦନକାରୀ ଟାଟା ମୋଟର୍ସ ଆଜି ଗ୍ରାହକଙ୍କ ପାଇଁ ଦେଶବ୍ୟାପୀ ମ ସ୍ୱକ୍ଟ ସୁମୀ ଚେକ-ଅପ୍ କ୍ୟାମ୍ପ ଆରମ୍ଭ କରିବାକୁ ଘୋଷଣା କରିଛି। ୫୦୦ ସହରରେ ବିସ୍ତାର କରନ୍ତୁ ଏବଂ ୧,୦୯୦ ରୁ ଅଧିକ ପ୍ରାଧିକୃତ କର୍ମଶାଳା ଦ୍ୱାରା ସମର୍ଥିତ, ଏହି ବ୍ୟାପକ ସେବା ପଦକ୍ଷେପ ଜୁନ୍ ୬ ରୁ ୨୦ ଜୁନ୍ ୨୦୨୫ ପର୍ଯ୍ୟନ୍ତ ଚାଲିବ । ମ so ସୁମୀ season ରୁ ଆରମ୍ଭ ହେବା ସହିତ, ଏହି ପଦକ୍ଷେପଟି ଓଦା ଏବଂ ଚ୍ୟାଲେଞ୍ଜିଂ ଡ୍ରାଇଭିଂ ଅବସ୍ଥାରେ ଯାନବାହାନର କାର୍ଯ୍ୟଦକ୍ଷତା ଏବଂ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଉଦ୍ଦିଷ୍ଟ । ଗ୍ରାହକମାନେ ଏକ ମାଗଣା ବିସ୍ତୃତ ଯାନ ସ୍ୱାସ୍ଥ୍ୟ ଯାଞ୍ଚ କରିପାରିବେ, ଯେଉଁଥିରେ ତିରିଶରୁ ଅଧିକ ଜଟିଳ ଯାଞ୍ଚ ପଏଣ୍ଟ ଇତ୍ତି




ନିର୍ଦ୍ଦିଷ୍ଟ ନିରାକରଣ ସହିତ ଅତ୍ୟାବଶ୍ୟକ ସିଷ୍ଟମକୁ ଅନ୍ତର୍ଭୁକ୍ତ କରିଥାଏ । ଏହି ଶିବିରରେ ଏକ କାର୍ ଟପ୍ ୱାଶ୍ ଏବଂ ମୂଳ ସ୍ୱ ?ୟାର୍ ପାର୍ଟସ୍, ଇଞ୍ଜିନ ତେଲ, ଆସେସୋରିଜ୍, ବର୍ଦ୍ଧିତ ୱାରେଣ୍ଟି ଏବଂ ଶ୍ରମ ଦେୟ ଉପରେ ସ୍ୱତନ୍ତ୍ର ରିହାତି ମଧ୍ୟ ପ୍ରଦାନ କରାଯାଇଛି । ଅଧିକ ମୂଲ୍ୟ ଯୋଗ କରିବାକୁ, ଗ୍ରାହକମାନେ ନୂତନ ଟାଟା କାରରେ ଆକର୍ଷଣୀୟ ବିନିମୟ ଅଫରରୁ ଉପକୃତ ହୋଇପାରିବେ, ସେମାନଙ୍କ ବିଦ୍ୟମାନ ଯାନଗୁଡିକର ମାଗଣା ମୂଲ୍ୟାଙ୍କନ ସହିତ । ଟାଟା ମୋଟର୍ସ ଏହାର ଗ୍ରାହକ-ପ୍ରଥମ ଆଭିମୁଖ୍ୟକୁ ମୂଲ୍ୟ-ଚାଳିତ ସେବା ଅଭିଜ୍ଞତା ପ୍ରଦାନ କରି ନିରାପତ୍ତା, ବିଶ୍ୱାସ ଏବଂ ସୁବିଧାକୁ ପ୍ରାଧାନ୍ୟ ଦେଇଥାଏ । ମ so ସୁମୀ ଚେକ୍ ଅପ୍ କ୍ୟାମ୍ପରୁ ଅଧିକ ଉପଯୋଗ କରିବାକୁ ଗ୍ରାହକମାନେ ସେମାନଙ୍କର ନିକଟତମ ପ୍ରାଧିକୃତ ଟାଟା ମୋଟର୍ସ କର୍ମଶାଳା ପରିଦର୍ଶନ କରିବାକୁ ଉତ୍ସାହିତ ହୁଅନ୍ତି ।

## ମହିଧରପଡ଼ା ଗ୍ରାମରେ ଶ୍ରୀ ଶ୍ରୀ ହନୁମାନ ମହାରାଜାଙ୍କର ୨୩ତମ ଜନ୍ମ ବାର୍ଷିକୀ ଉତ୍ସବ

ଫୁଲନଖରା,(ପି.ଏନ):ବାରଂଗ ବ୍ଲକ ଅନ୍ତର୍ଗତ ନଗରୀ ଗ୍ରାମ ପଂଚାୟତ ସ୍ଥିତ ମହିଧରପଡ଼ା ଗ୍ରାମଠାରେ ଶ୍ରୀ ଶ୍ରୀ ହନୁମାନ ମହାରାଜାଙ୍କର ୨୩ ତମ ଜନ୍ମ ବାର୍ଷିକୀ ଉତ୍ସବ ୬ ତାରିଖ ଦିନ କୃଷ୍ଣପକ୍ଷ ଏକାଦଶୀ ତିଥିରେ ମହାସମାରୋହରେ ପାଳିତ ହୋଇଯାଇଛି । ସକାଳ ୮ ଟାରୁ ହନୁମାନ ଚାଳିଶା ପାଠ ହୋମାଦି ପୂଜା କର୍ମ ଯଥା ବିଧିରେ ଅନୁଷ୍ଠିତ ହୋଇ ସନ୍ଧ୍ୟା ସମୟରେ ୭ ମଣ୍ଡଳ ଓଡ଼ିଶୀ



ସଙ୍କୀର୍ତ୍ତନ ପରିବେଷଣ କରାଯାଇଥିଲା । ଶହ ଶହ ଲୋକ ପ୍ରସାଦ ସେବନରେ ଭାଗ ନେଇଥିଲେ ।ଏହି କାର୍ଯ୍ୟକ୍ରମକୁ ଶ୍ରୀ ଶ୍ରୀ ହନୁମାନ ପୂଜା କମିଟିର ସମସ୍ତ ସଦସ୍ୟଙ୍କ ନେତୃତ୍ୱରେ ପରିଚାଳନା କରାଯାଇଥିଲା ।

## ସାଇ ଆଶ୍ରିତ ସମାଜସେବୀ ବିବେକାନନ୍ଦ ବେହେରାଙ୍କ ଶ୍ରଦ୍ଧାଞ୍ଜଳି

କଟକ, (ପି.ଏନ): କଟକର ଜଣେ ଜଣାଶୁଣା ସମାଜସେବୀ, ଉଦ୍ୟୋଗୀ, ସାଇ ଆଶ୍ରିତ ବିବେକାନନ୍ଦ ବେହେରାଙ୍କ ଏକାଅଶି ବର୍ଷ ବୟସରେ ବାଖରାବାଦ ଗୌଡ ସାହିର ନାରାୟଣ ଭବନ ବାସ ଭବନରେ ପରଲୋକ ହୋଇଛି। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଧାର୍ମିକ ସେବା କାର୍ଯ୍ୟ ଓ ବିଭିନ୍ନ ଅଞ୍ଚଳରେ ଲୋକମାନଙ୍କ ଭିତରେ ସାଇ ଚେତନାର ପ୍ରଚାର ଓ ପ୍ରସାର କରିବାରେ ସେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ। ତାଙ୍କ ପରଲୋକ ସମୟରେ ଏକମାତ୍ର ପୁତ୍ର ଅବକାଶ ବେହେରା, ନାତି ସାଇ ସତ୍ୟପ୍ରକାଶ, ସାଇ ସ୍ମୃତି ରଞ୍ଜନ, ନାତୁଣୀ ସାଇ ସୁଦୀପ୍ତା, ଜ୍ୱାଇଁ ରାଜେନ୍ଦ୍ର ବେହୁରିଆ ଓ ଆତ୍ମୀୟ ବନ୍ଧୁବର୍ଗ ଉପସ୍ଥିତ ଥିବାବେଳେ ଶ୍ରୀ ସତ୍ୟସାଇ ସେବା ସଂଗଠନର ରାଜ୍ୟ ସଭାପତି ଡାକ୍ତର ସତ୍ୟ ସ୍ୱରୂପ ପଟ୍ଟନାୟକ, ମେମ୍ବର ସେକ୍ରେଟାରୀ ନ୍ୟାୟମୂର୍ତ୍ତି ସୁଶାନ୍ତ ପଟ୍ଟନାୟକ, ପୁଟପର୍ତ୍ତିସ୍ଥିତ ପ୍ରଶାନ୍ତି ନିଳୟମରେ ଅବସ୍ଥାନ କରୁଥିବା ତାଙ୍କ ବୋହୂ ଶକ୍ତିମୟୀ ସାହୁ ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ବାସଭବନରେ ଆୟୋଜିତ ଏକ ଶ୍ରଦ୍ଧାଞ୍ଜଳୀ ସଭାରେ ଶ୍ରୀ ସତ୍ୟସାଇ ସେବା ସମିତି କଟକର ଆବାହକ ଗୌତମ ତ୍ରିପାଠୀ, ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ ଶ୍ୟାମ ସୁନ୍ଦର ସାମଲ, ମାନ ଗୋବିନ୍ଦ ପ୍ରଧାନ, ସାଧୁ ଚରଣ ପ୍ରଧାନ, ଆଦିତ୍ୟ ନାୟକ, ଚିତ୍ତରଞ୍ଜନ ବେହେରା, ପ୍ରତାପ କେଶରୀ ସାହୁ, ଅଜୟ ଚୌଧୁରୀ, ସଞ୍ଜୀବ ମହାନ୍ତି, ବସନ୍ତ ହାତୀ, ଡାକ୍ତର ଦିଲ୍ଲୀପ କୁମାର ମହାରଣା, ଅଜୟ ମହାନ୍ତି, ରଜନୀକାନ୍ତ ଦାସ, ଦେବାଶିଷ ସୁବୁଦ୍ଧି, ଓକିଲ ଭାଇ, ଦେବଶ୍ରୀ ସୁବୁଦ୍ଧି, ଚମ୍ପାନାରାୟଣ ଚାରିଟେବଲ ଟ୍ରଷ୍ଟର ଆବାହକ ତ୍ରିନାଥ ଓଝା, ସାମ୍ବାଦିକ ସୁଶାନ୍ତ କୁମାର ଭୂୟାଁ, ବିନୋଦିନୀ ରାଉଳ, ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀଙ୍କ ସମେତ କଟକର ବିଭିନ୍ନ ଅଞ୍ଚଳ ବୁଦ୍ଧିଜୀବୀ ଓ ଅନୁଷ୍ଠାନର କର୍ମକର୍ତ୍ତାମାନେ ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ଅନୁଷ୍ଠିତ ହୋଇଥିବାବେଳେ ପୁଅ ଅବକାଶ ବେହେରା ମୁଖାଗ୍ନି ଦେଇଥିଲେ।

## ଶ୍ରୀ ସତ୍ୟସାଇ ସେବା ସମିତି କଟକର ପୁଟ୍ଟପର୍ତ୍ତି ସେବା

କଟକ, (ପି.ଏନ): ପୁଟ୍ଟପର୍ତ୍ତିସ୍ଥିତ ପ୍ରଶାନ୍ତି ନିଳୟମରେ ରାଜ୍ୟ ଶ୍ରୀସତ୍ୟସାଇ ସେବା ସଙ୍ଗଠନର କଟକ ଜିଲ୍ଲା ପକ୍ଷରୁ ବୟାଳିଶ ଜଣ ସାଇ ସେବାଦଳ କର୍ମୀ ବିଭିନ୍ନ ସେବା କାର୍ଯ୍ୟରେ ନିୟୋଜିତ ଥିଲେ। ରାଜ୍ୟ ସଭାପତି ଡାକ୍ତର ସତ୍ୟ ସ୍ୱରୂପ ପଟ୍ଟନାୟକ, ପୂର୍ବତନ ଟ୍ରଷ୍ଟ ଆବାହକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ରାଜ୍ୟ ସେବାଦଳ ପ୍ରମୁଖ ରାଜା ଭାଇ, ରାଜ୍ୟ ସେବା ସଂଯୋଜକ ରାମାକାନ୍ତ ଦାସଙ୍କ ମାର୍ଗଦର୍ଶନରେ ସମାଜସେବୀ ପ୍ରଫେସର ଡାକ୍ତର କୈଳାସନାଥ ମହାପାତ୍ର, ରାଜ୍ୟ 'ପ୍ରେମ ସଞ୍ଜିବନୀ'ର ପୂର୍ବତନ ରାଜ୍ୟ ସଂଯୋଜକ ଡାକ୍ତର ଦିଲ୍ଲୀପ କୁମାର ମହାରଣା, ଜିଲ୍ଲା ସଭାପତି ବିଚିତ୍ରାନନ୍ଦ ମହାନ୍ତି, ବିଚିତ୍ରାନନ୍ଦ ଦାସ, ପ୍ରକାଶ କୁମାର ନାୟକ, ଅବକାଶ ବେହେରା, ଡାକ୍ତର ସୁଜିତ ଦାସ, ଶୁଭାଶିଷ ମହାନ୍ତି, ଆର.ସିନୁ ଆଚାରୀ, ବିବେକାନନ୍ଦ କାନୁନଗୋ, ସୁକାନ୍ତ ସାହୁ, ରାମଚନ୍ଦ୍ର ଜେନା, ପ୍ରଦୀପ ପଣ୍ଡା, ଶ୍ରୀମତୀ ଅଳକା, ପ୍ରଭା ରାୟ, ଗୀତା ନାୟକ, ବବିତା ପଟ୍ଟନାୟକ, ସଫଳା ଦାସ, ଶୁଭଶ୍ରୀ ମହାନ୍ତି, ଗୀତା ମହାନ୍ତି ପ୍ରମୁଖ ପ୍ରଶାନ୍ତି ନିଳୟମ ପରିସର ଓ ବାହାର ଅଞ୍ଚଳରେ ସେବାକାର୍ଯ୍ୟରେ ନିୟୋଜିତ ଥିଲେ। ପୁଟ୍ଟପର୍ତ୍ତୀରୁ ପ୍ରତ୍ୟାବର୍ତ୍ତନ ପରେ ଶ୍ରୀ ସତ୍ୟସାଇ ସେବା ସମିତି ଠାରେ ତାଙ୍କୁ ଆବାହକ ଗୌତମ ତ୍ରିପାଠୀ, ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ ଶ୍ୟାମ ସୁନ୍ଦର ସାମଲ, ସଞ୍ଜୀବ ମହାନ୍ତି, ସାମ୍ବାଦିକ ସୁଶାନ୍ତ କୁମାର ଭୂୟାଁ ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଥିଲେ।

## ଅବ୍ୟବସ୍ଥା ମଧ୍ୟରେ କଲମପୁର ପୁଲିସ ଥାନା ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ଆଶଙ୍କା

ଭବାନୀପାଟଣା, (ପି.ଏନ): କଲମପୁର ଅଂଚଳରେ ରୀତିମତ ବୃଦ୍ଧି ପାଉଛି ବେନିୟମ ମଦ କାରବାର । ଗାଁ ଗାଁରେ ଏକାଧିକ ଦେଶୀ ମଦ କୋଠି ସହ ପାନ ଦୋକାନ, ଫେନ୍ସି ଷ୍ଟୋରରେ ବିକ୍ରି ହେଉଛି ବିଦେଶୀ ମଦ । ସରକାରଙ୍କ ଦ୍ୱାରା କଲମପୁର ଏବଂ ବଡକୂଟୁ ଠାରେ ଦୁଇ ଗୋଟି ଦେଶୀ ମଦ ଭାଟି ଏବଂ ଭେଲାଗାଁ, ବନ୍ଧକନା ଓ ମଣ୍ଡଳ ଠାରେ ଦେଶୀ ମଦ ଭାଟିର ବ୍ରାଞ୍ଚ ରହିଛି । ଯାହା ସରକାରଙ୍କ ସ୍ୱୀକୃତ । ସେହିଭଳି କଲମପୁର ଠାରେ ଠିପି ବନ୍ଦ ଏବଂ ଠିପି ଖୋଲା ବିଦେଶୀ ମଦ ଦୋକାନ ସମେତ ବିଜମରା ଏବଂ ମଣ୍ଡଳ ଠାରେ ଥିବା ବିଦେଶୀ ଠିପି ବନ୍ଦ ମଦ ଦୋକାନ ସରକାରଙ୍କ ଦ୍ୱାରା ସ୍ୱୀକୃତ ପ୍ରାପ୍ତ । ଏହି ସ୍ୱୀକୃତ ପ୍ରାପ୍ତ ଦୋକାନରୁ ସରକାର ଯେତିକି ରାଜସ୍ୱ ପାଉଛନ୍ତି ତା ଠାରୁ ଢେର ଗୁଣ ଅଧିକ ରାଜସ୍ୱ ହରାଇଛନ୍ତି ଏହି ବେନିୟମ ମଦ କାରବାର ଯୋଗୁଁ । ଏହାସହ ଜଙ୍ଗଲ ନିକଟସ୍ଥ ନାଳ ସବୁରେ ହାତ ରନ୍ଧା ମଦ ପ୍ରସ୍ତୁତ କରାଯାଇଛି । ଏନେଇ ଅବକାରୀ ବିଭାଗ ଏବଂ ପୁଲିସ ଠାରେ ସୂଚନା ଥିଲେ ମଧ୍ୟ କେହି ଏହାର ନିୟନ୍ତ୍ରଣ ଦିଗରେ ଗୁରୁତ୍ୱ ଦେଉ ନାହାନ୍ତି । ପ୍ରତିଦିନ ମଦ୍ୟପଙ୍କ ଶୈରାମ୍ ବୃଦ୍ଧି ପାଇଛି । ସେହିଭଳର ସିଙ୍ଗାରୀ ରାସ୍ତା ଏବେ ଗଞ୍ଜାଇ ଚୋରା ଚାଲାଣକାରୀଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି । ବିଭିନ୍ନ ଉପାୟରେ କ୍ଲିଣ୍ଡାଇ କ୍ଲିଣ୍ଡାଳ ଗଞ୍ଜେଇ ଚୋରା ଚଲାଣ କରାଯାଇଛି । ଅନ୍ୟପଟେ ସଟ୍ଟା ଏବଂ ଜୁଆ ନିୟନ୍ତ୍ରଣ ହେଇ ପାରୁନାହିଁ । ଏହାସହ କଲମପୁର ମୁଖ୍ୟ ବଜାର ଦେଇ ବାଲି ସମେତ ଅନ୍ୟ ନିର୍ମାଣ ସାମଗ୍ରୀ ବୋଝେଇ ହାଇୱା ଭଳି ଭାରିଯାନ ଧାନ ବୋଝେଇ ଟ୍ରକ ସବୁ ୨୪ ଘଣ୍ଟା ଚଳା ଚଳ କରୁଥିବାରୁ ଟ୍ରାଫିକ ସମସ୍ୟା ଦେଖା ଦେଉଛି । ଯେଉଁଥିପାଇଁ ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ଯାନକୁ ରାସ୍ତା ମିଳୁନାହିଁ । ଏଭଳି ସ୍ଥିତିରେ ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିବାରୁ ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ଜଟିଳ ହେବାରେ ଲାଗିଛି । ଏନେଇ ଗଣମାଧ୍ୟମ ପ୍ରତିନିଧି ଥାନା ଅଧିକାରୀ ନିଳାମ୍ବର ଜାନୀଙ୍କ ଦୃଷ୍ଟି ଆକର୍ଷଣ କରାଇଥିଲେ ମଧ୍ୟ ଥାନାରେ ଆବଶ୍ୟକ ସଂଖ୍ୟକ ଅଫିସର ଏବଂ ସୁରକ୍ଷା ବଳ ସମେତ ଯାନ ବାହାନ ଅଭାବ ଥିବାର ଆଳ ଦେଖାଇଛନ୍ତି । ଥାନାର ଆବଶ୍ୟକ ?ତା ମୁତାବକ ଦୁଇଜଣ ଏସ.ଆଇ, ଦୁଇଜଣ ଏ.ଏସ.ଆଇ, ବଦଳରେ ଜଣେ ଲେଖାଏଁ ରହିଛନ୍ତି ହାବିଲଦାର ଭଳି ପଦବୀ ଖାଲି ପଡିଛି । ପୁଣି ଗୋଟିଏ ମାତ୍ର ବୋଲେରୋ ରହିଥିବାରୁ ମୂଦାଲା ଗଲାଣ କଲେ ଯାନର ଅଭାବ ରହୁଥିବା ସୂଚନା ଦେଇଥିଲେ । ପୁଣି ଥାନା କୋଠା ନିର୍ମାଣ ଶେଷ ହେଇନଥିବାରୁ ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ପୁରୁଣା କୋଠା ଏବେ ବିପଦ ସଂକୁଳ। ଅନେକ ସମୟରେ ସାପ, ବିଛା ଭଳି ସରିସୃପ ଦେଖା ଦେଇଥିବାରୁ କୌଣସି ମୂଦାଲାଙ୍କୁ ଥାନାରେ ଅଟକ ରଖିବା ସୁରକ୍ଷିତ ନୁହେଁ । ଏଭଳି ସ୍ଥିତିରେ କାହାକୁ ଆଣି ପଚରା ଉଚୁରା କରିବାରେ ସମସ୍ୟା ହେଉଥିବା ଦେଖା ଦେଇଛି । ଏହାସହ କରମପୁର ଥାନା ପାଇଁ ନିୟୋଜିତ କର୍ମଚାରୀଙ୍କ ପାଇଁ ସରକାରୀ ବାସ ଭବନର ଅଭାବ । ଏଭଳି ସ୍ଥିତିରେ କଲମପୁର ଭଳି ଗ୍ରାମାଂଚଳରେ ଭଡା ଘର ମଧ୍ୟ ଅଭାବ । ତେଣୁ କୌଣସି କର୍ମଚାରୀଙ୍କୁ କଲମପୁରରେ ନିଯୁକ୍ତି ମିଳିଲେ ବହୁ ହଇରାଣ ହରକତ ହେବାକୁ ପଡୁଛି । ଏଭଳି ସ୍ଥିତିରେ ଯିଏବି ନିଯୁକ୍ତି ପାଇଛନ୍ତି ସମସ୍ତେ ଥାନା ମଧ୍ୟରେ ସମିତ ରହୁଛନ୍ତି । ଏହାସହ କଲମପୁର ଅଂଚଳରେ ବହୁ ସଂଖ୍ୟାରେ ସଡକ ଦୁର୍ଘଟଣା ଘଟୁଛି, ଯାହାର ଅନ୍ତରାଳରେମଦ୍ୟପ ଚାଳକ। ତେଣୁ ପୁଲିସ ପ୍ରଶାସନର ସଠିକ ପଦକ୍ଷେପର ଆବଶ୍ୟକତା ରହିଥିବା ବେଳେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଅଭାବରୁ ପୁଲିସ କୌଣସି ଆଖି ଦୃଶିଆ ପଦକ୍ଷେପ ନେଉ ନବାରୁ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ଭବାନୀପାଟଣା,(ପି.ଏନ):କଳାହାଣ୍ଡି ଜିଲ୍ଲା କଲମପୁର - ଜୁନାଗଡ଼ ମୁଖ୍ୟ ରାସ୍ତାର ଘର୍ଲା ଛକ ନିକଟରେ ଆଜି ସକାଳୁ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ପରିବାରକୁ କ୍ଷତି ପୂରଣ ଦାବିରେ ରାସ୍ତା ଅବରୋଧ କରାଯାଇଥିଲା। ପରିବାର ଓ ସମ୍ପର୍କୀୟ ମାନେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଜାନ ବାହାନ ଅଟକି ରହିଥିଲା । କିଛି ଦିନ ପୂର୍ବରୁ ବାବୁକେନ୍ଦୁଗୁଡା ଗ୍ରାମର କୁରୁକ୍ଷେତ୍ର ବେମାଲ ନିଜ ବିଲରୁ ଚାଲି ଚାଲି ଘରକୁ ଫେରୁଥିବାବେଳେ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା କ୍ଷ ଗୁରୁତର କୁରୁକ୍ଷେତ୍ରଙ୍କୁ ପ୍ରଥମରେ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସ୍ୱାସ୍ଥବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସା କରାଯାଉଥିଲା ।ଚିକିତ୍ସାଧୀନ ଅବସ୍ଥାରେ ସୋମବାର କୁରୁକ୍ଷେତ୍ରଙ୍କ ମୃତ୍ୟୁ ଘଟିଥିଲା କ୍ଷ ଆଜି ସକାଳୁ ପରିବାର ଏବଂ ସମ୍ପର୍କୀୟ କ୍ଷତି ପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ କ୍ଷ କଲମପୁର ପୁଲିସ ଘଟଣା ସ୍ଥଳରେ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଥିଲା ।

## ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାର ରେ ବିପର୍ଯ୍ୟୟ ଅଭ୍ୟାସ କୌଶଳ

ପାରାଦୀପ,(ପି.ଏନ): ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାର ରେ ଏକ ଲୁବୁଲ-୨ ଅନସାଇଟ ବିପର୍ଯ୍ୟୟ ଅଭ୍ୟାସ କୌଶଳ ମଙ୍ଗଳବାର ଦିନ ଆୟୋଜିତ ହୋଇଯାଇଛି । ଯେଉଁଥିରେ ତୈଳ ବିଶୋଧନାଗାର ତାହାର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତି ପ୍ରଭାବ ର ଯାଞ୍ଚ କରିଥିଲା । ପାରାଦୀପ ତୈଳ ବିଶୋଧନାଗାର ର ଅନୁମୋଦିତ ଇମରର୍ଜେନ୍ସି ରେସପନସ୍ ଆଣ୍ଡ୍ ଡିଜାଷ୍ଟର୍ ମ୍ୟାନେଜମେଣ୍ଟ ପ୍ଲାନ୍ (ଇଆରଡିଏମପି) ଅନୁଯାୟୀ ଏହି ଡ୍ରିଲ୍ ଆୟୋଜିତ ହୋଇଥିଲା । ମ୍ୟୁଚୁଆଲ୍ ଏଡ୍ ସଂସ୍ଥାର ପ୍ରତିନିଧିମାନେ ମଧ୍ୟ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ । ପାରାଦୀପ ରିଫାଇନରୀର ଏକ ପମ୍ପ ଡିସଚାର୍ଜ ଲାଇନରୁ ପ୍ରୋପିଲିନ୍ ଲିକେଜ୍ ହେଲେ ଏବଂ ତା'ପରେ ବିସ୍ଫୋରଣ ଘଟିଲେ, ତାହାକୁ



ସଫଳତାର ସହିତ କିପରି ମୁକାବିଲା କରାଯିବ ସେହି ବିଷୟବସ୍ତୁ ଉପରେ ଅଭ୍ୟାସ କୌଶଳ ଟି ଆଧାରିତ ଥିଲା ଓ ଏଥିରେ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନାର ପ୍ରୋଟୋକଲ୍ ଅନୁଯାୟୀ ନିଆଯାଇଥିବା ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦକ୍ଷେପ ଗୁଡିକ ସଠିକ୍ ଭାବରେ ସମନ୍ୱିତ ହୋଇଥିଲା ଏବଂ ଏହାକୁ ସମସ୍ତ କର୍ତ୍ତୃପକ୍ଷ ପ୍ରଶଂସା କରିଥିଲେ ।ଏହି ଡ୍ରିଲ୍ ପରେ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ମୁଖ୍ୟ ଶ୍ରୀ କୌଶିକ ବସୁଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray